## ସଂକ୍ଷେପରେ

### ନକଲି ସିମ୍ ବିକ୍ରି ଅଭିଯୋଗରେ ୨ ଗିରଫ

ପାଟଣା,୨୭।୩(ବୀର କିଶୋର ଦାଶ): କେନ୍ଦୁଝର ଜିଲା ସାଇବର ପୋଲିସ ନକଲି ସିମ୍ ବିକ୍ରି ଅଭିଯୋଗରେ ଗୁରୁବାର ଜଣେ ଏଜେଣ୍ଟଙ୍କ ସମେତ ୨ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତ ଦ୍ୱୟ ପାଟଣା ଥାନା ସାହାରପଡ଼ା ପ୍ରଧାନ ସାହି ଅଞ୍ଚଳର ଧୀରଜ ମହାନ୍ତ ଓ କପୁଣ୍ଡି ଗ୍ରାମର ଲଳିତ ମହାନ୍ତ। ସୂଚନା ଅନୁଯାୟୀ, ଗତ ୩ ଦିନ ହେବ ସାଇବର ପୋଲିସ ପାଟଣା ଅଞ୍ଚଳରେ ନକଲି ସିମ୍ ବିକ୍ରି ଅଭିଯୋଗରେ ତନାଘନା କରୁଛି। ୪ ଜଣରୁ ଊର୍ଦ୍ଧ୍ୱଙ୍କୁ ଉଠାଇ ନେଇ ପଚରାଉଚରା କରୁଥିଲା। ୨ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପ୍ରତିଶ ମହାପାତ୍ର କହିଛନ୍ତି, ଉକ୍ତ ଏଜେଣ୍ଟ ରାଜ୍ୟ ଓ ରାଜ୍ୟ ବାହାରେ ଶତାଧିକ ନକଲି ସିମ୍ ବିକ୍ରି କରିଛନ୍ତି। ସେହି ସବୁ ସିମ୍ ବ୍ୟବହାର କରି ଅନେକେ ଅନୈତିକ ଅପରାଧ କରିଥିବା ଜଣାପଡ଼ିଛି।

### ହାଇୱା ଧକ୍କାରେ ନାତି ମୃତ, ଅଜା ଗୁରୁତର

ଯୋଡ଼ା,୨୭।୩(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବାଂଶପାଣି ଟୋଲ ଗେଟ୍ ନିକଟ ରାସ୍ତାରେ ବୁଧବାର ରାତି ୯ ଟାରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଯାଇଛି। ହାଇୱା ଧକ୍କାରେ ଜଣେ ଶିଶୁପୁତ୍ରଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତ ଶିଶୁ ଯୋଡ଼ା କୁନ୍ଦୁରନାଲା ଅଞ୍ଚଳର ହର୍ଷ ସିଂଙ୍କ ପୁଅ ଯସ(୨)। ହର୍ଷ ତାଙ୍କ ଶ୍ୱଶୁର ଦିଗ ବିଜୟ ସିଂ ଓ ପୁଅ ଯସଙ୍କୁ ନେଇ ବାଇକ (ନଂ. ଓଡି ୦୯ ଏ ୮୫୯୬) ଯୋଗେ ବାଂଶପାଣି ଟୋଲ ଗେଟ୍ ନିକଟ ଗ୍ୟାରେଜକୁ ଯାଉଥିଲେ। ସେ ସମୟରେ ବାଇକକୁ ଏକ ହାଇୱା (ନଂ. ଓଡ଼ି ୦୯ ପି ୭୪୭୩) ଧକ୍କା ଦେଇଥିଲା। ସମସ୍ତେ ଛିଟିକି ପଡ଼ିଥିବା ବେଳେ ଶିଶୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଦିଗ ବିଜୟ ସିଂ ଗୁରୁତର ହୋଇ ଟାଟା ଷ୍ଟିଲ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଦୁର୍ଘଟଣା ଘଟାଇଥିବା ହାଇୱା ଜବତ କରି ତଦନ୍ତ କରୁଛି।

# ୧୮ ଟିକିଆ ହାତୀପଲଙ୍କ ଉତ୍ପାତ

## ବୋଇତାଳୁ ଫସଲ ନଷ୍ଟ, ଯୁବକଙ୍କ ହାତ ଭାଙ୍ଗିଲା

କେନ୍ଦୁଝର,୨୭।୩(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ବନାଞ୍ଚଳରେ ୧୮ଟିକିଆ ହାତୀପଲ ଉତ୍ପାତ କରୁଛନ୍ତି। ସଦର ବ୍ଲକ୍ ଟିକରପଡ଼ା ଅଞ୍ଚଳରେ ହାତୀପଲ ବୋଇତାଳୁ ସମେତ ବିଭିନ୍ନ ପନିପରିବା ଫସଲ ଦଳିଚକଟି ନଷ୍ଟ କରିଦେଇଛନ୍ତି। ହାତୀ ଘଉଡ଼ାଇବା ସମୟରେ ଜଣେ ଯୁବକ ଗୁରୁତର ହୋଇଥିବା ଜଣାପଡ଼ିଛି। ଅଞ୍ଚଳରେ ହାତୀ ବୁଲୁଥିବାରୁ ଲୋକେ ଭୟଭିତ ଅବସ୍ଥାରେ ରହିଛନ୍ତି।

ପ୍ରକାଶ ଯେ, ବୁଧବାର ସନ୍ଧ୍ୟାରେ ହାତୀପଲ ସଲରାପଣ୍ଟ ଜଙ୍ଗଲରୁ ବାହାରି ରାତି ୧ଟା ବେଳେ ସଦର ବ୍ଲକ୍ ମହାଦେଇଯୋଡା ପଞ୍ଚାୟତ ଟିକରପଡ଼ା ହନୁମାନଘାଟି ତଳ ଜଙ୍ଗଲ ଦେଇ କାଦଗଡ଼ ମୁହାଁ ହୋଇଥିଲେ। ଟିକରପଡ଼ା ଗ୍ରାମର ବିନେଶ ବେହେରାଙ୍କ କ୍ଷେତରେ ହୋଇଥିବା ୧ ଏକରରୁ ଊର୍ଦ୍ଧ୍ୱ ବୋଇତାଳୁ, ଶ୍ରୀକାନ୍ତ ବେହେରା ଓ ବସନ୍ତ ବେହେରାଙ୍କ ସୋଲା ଚାଷକୁ ହାତୀପଲ ଦଳି ନଷ୍ଟ କରିଦେଇଛନ୍ତି। ପଳାସପଙ୍ଗା ଫରେଷ୍ଟର ଜୟକୃଷ୍ଣ ଦାସ ଓ ହାତୀ ଘୋଉଡ଼ାଇବା ସ୍କ୍ୱାର୍ଡ କର୍ମଚାରୀ ସମେତ ସ୍ଥାନୀୟ ଲୋକେ ହାତୀପଲଙ୍କୁ ଘଉଡ଼ାଇଥିଲେ। ପୁଣି ରାଇସୁଆଁ ଫାର୍ମ ଦେଇ ସକାଳ ୫ଟା ବେଳେ ଟିକରପଡ଼ା କୁଡ଼ିଆଘରା ସାହି ନିକଟସ୍ଥ ଆମ୍ବଡହରା ଜଙ୍ଗଲକୁ ହାତୀପଲ ଫେରିଥିଲେ। ତେବେ ହାତୀ ଘଉଡ଼ାଇବାବେଳେ ଟିକରପଡା ଗ୍ରାମର ହେମନ୍ତ ବେହେରା(୩୦) ତଳେ ପଡିଯିବାରୁ ତାଙ୍କର ଡାହାଣ ହାତ ଭାଙ୍ଗିଛି। ସେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହୋଇ ଘରକୁ ଫେରିଛନ୍ତି। ତୁରନ୍ତ କ୍ଷୟକ୍ଷତି ଆକଳନ କରି କ ଚାଷୀଙ୍କୁ କ୍ଷତିପୂରଣ ସହାୟତା ପ୍ରଦାନ କରିବାକୁ ଦାବି ହୋଇଛି।


ଗାଁ ନିକଟ ଜଙ୍ଗଲରେ ଥିବା ହାତୀପଲ।

# 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ

ଆନନ୍ଦପୁର,୨୭।୩(ସୁଶାନ୍ତ କୁମାର ସାହୁ)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପରିଚାଳିତ ଘସିପୁରା ବ୍ଲକ୍, ଗଡ଼ବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ନରଦା ସରକାରୀ ଆଶ୍ରମ ବିଦ୍ୟାଳୟଠାରେ ପିତାମାତା ସହଭାଗିତା ଉପରେ ପର୍ଯ୍ୟବେକ୍ଷିତ 'ଆମେ ଜାଣିବା ଆମେ ଜିଣିବା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ପ୍ରତାପ ରୁଦ୍ର ଭୂୟାଁଙ୍କ ସଂଯୋଜନାରେ ମୁଖ୍ୟ ଅତିଥିଭାବେ ସହକାରୀ ମଙ୍ଗଳ ଅଧିକାରୀ ବିଜୟ ପୁର୍ତ୍ତି, ମୁଖ୍ୟ ବକ୍ତାଭାବେ ପୂର୍ବତନ ବିଇଓ ଶରତ ରାଉତ, ସମ୍ମାନିତ ଅତିଥିଭାବେ ଶିକ୍ଷକ ସମୀର ନାୟକ, କଳାକାର ଜେନା, କଳ୍ପତରୁ ନାଥ, ପନ୍ନଗ ଭୂଷଣ ରାଉତ ଏବଂ ଗ୍ରାମର ୱାର୍ଡମେମ୍ବର ଅନନ୍ତ ଚରଣ ପଲେଇ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷକ ଦେବାଶିଷ ସାମଲ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ କଲ୍ୟାଣୀ ଦକ୍ଷିଣରାୟ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ନିରାକାର ଜେନା, ଶିକ୍ଷୟିତ୍ରୀ ହିରଣ୍ୟ ସିଂ, ରାଜଶ୍ରୀ ସେନାପତି, କର୍ମଚାରୀ ଦେବାନନ୍ଦ ନାଏକ, କ୍ଷୀରମଣି ନାଏକପ୍ରମୁଖସକ୍ରିୟସହଯୋଗକରିଥିଲେ।

# ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ

ଚମ୍ପୁଆ୨୭।୩(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର ଚମ୍ପୁଆଠାରେ ୨ ଦିନିଆ ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତି କରଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଚମ୍ପୁଆ ବିଡିଓ ସ୍ମୃତିରଞ୍ଜନ ସାହୁ ଓ କୃଷି ଜିଲା ଅଧିକାରୀ ସତ୍ୟବାନ ସୋରେନ ଉଦ୍‌ଘାଟନ କରିଥିଲେ। ବ୍ଲକ୍ କୃଷି ଅଧିକାରୀ ସାରଦା ହାଁସଦା, ସହକାରୀ କୃଷି ଅଧିକାରୀ ରମାମଣୀ ସାହୁ ପ୍ରମୁଖ ଯୋଗଦେଇ ଟ୍ରେନ୍‌ର ମୁଖ୍ୟ ସମିର ଦାସ ମାଣ୍ଡିଆ ଚାଷ, ସରକାରୀସ୍ତରରେ ମାଣ୍ଡିଆ ଚାଷ କରୁଥିବା ଚାଷୀ ଓ ମାଣ୍ଡିଆ ଟିଫିନ ସେଣ୍ଟର ଖୋଲିଲେ ସହାୟତା ସମ୍ବନ୍ଧରେ ଅବଗତ କରିଥିଲେ। ବିଶେଷ ଭାବରେ ପ୍ରଥମ ବର୍ଷ ସଘନ ପ୍ରଣାଳୀରେ ମାଣ୍ଡିଆ ଚାଷ କରୁଥିବା ଚାଷୀଙ୍କୁ ୧୦ ହଜାର, ଦ୍ୱିତୀୟ ବର୍ଷରେ ୭ ହଜାର ୫ ଶହ, ତୃତୀୟ ବର୍ଷରେ ୫ ହଜାର ଓ ଚତୁର୍ଥ ଓ ପଞ୍ଚମ ବର୍ଷରେ ୨ ହଜାର ଅର୍ଥରାଶି ହେକ୍ଟର ପିଛା ସହାୟତା ମିଳିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ୩ ବ୍ଲକ୍‌ରୁ ଆସିଥିବା ସ୍ୱୟଂ ସହାୟକା ଗୋଷ୍ଠୀର ସଦସ୍ୟଙ୍କୁ ମାଣ୍ଡିଆରୁ ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା।

# ଅଙ୍ଗନୱାଡ଼ି କର୍ମୀଙ୍କ କାର୍ଯ୍ୟରେ ଅବହେଳା ଅଭିଯୋଗ


ଅଭିଯୋଗ କରିବାକୁ ଆସିଥିବା ଗ୍ରାମର ମହିଳାମାନେ।

ଯୋଡ଼ା,୨୭।୩(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ଜୁରୁଡ଼ି ପଞ୍ଚାୟତର ରୁଗୁଡ଼ି ସାହି ଗ୍ରାମବାସୀ ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ କରିଛନ୍ତି। ଏ ନେଇ ସ୍ଥାନୀୟ ମହିଳା ଗୁରୁବାର ଯୋଡ଼ା ସିଡିପିଓଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିବାକୁ ଯାଇଥିଲେ। ସିଡିପିଓ ଉପସ୍ଥିତ ନ ଥିବାରୁ ଯୋଡ଼ା ବିଡିଓଙ୍କୁ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ମୁତବାକ, ଅଙ୍ଗନୱାଡ଼ି କର୍ମୀ ଓ ହେଲପର ଦୁହେଁ ତାଙ୍କ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି। ବିଳମ୍ବରେ ଅଙ୍ଗନୱାଡ଼ି କେନ୍ଦ୍ର ଖୋଲା ହେଉଛି, ଶିଶଙ୍କୁ ପାଠପଢ଼ା ଯାଉନି, ଠିକ୍ ସମୟରେ ଦେଉନାହାନ୍ତି, ଫାଳେ ଅଣ୍ଡା ଦିଆଯାଉଥିବା ବେଳେ ପୋଷାକ ପ୍ରଦାନରେ କୁଣ୍ଠାବୋଧ ପ୍ରକାଶ କରୁଛନ୍ତି। ଏଥିସହ ମମତା କାର୍ଡଧାରୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ ନ କରିବା, ଅଙ୍ଗନୱାଡ଼ି ଟିଣ ଘରକୁ ନିଜ କବ୍‌ଜାରେ ରଖିବା, ଲୋକଙ୍କୁ ଧମକ ଚମକ ଦେବା ପ୍ରଭୃତି ସମସ୍ୟା ଉପସ୍ଥାପନ କରିଥିଲେ। ଗ୍ରାମର ମହିଳା ରତ୍ନ ମୁଣ୍ଡା, ରାଇମନି ବିରୁଆ, ମମତା ମୁଣ୍ଡା, ସଙ୍ଗୀତା ନାଏକ, ସବିତା ସିର୍କା ପ୍ରମୁଖ ଅଭିଯୋଗ କରି ଅଙ୍ଗନୱାଡ଼ି କର୍ମୀଙ୍କୁ ବହିଷ୍କାର କରିବାକୁ ଉଲ୍ଲେଖ କରିଛନ୍ତି। ଅଭିଯୋଗ ପତ୍ର ପାଇବା ପରେ ଖୁବ୍‌ଶୀଘ୍ର ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଯୋଡ଼ା ବିଡିଓ ଅରୁଣିମା ସାହୁ ଗ୍ରାମବାସୀଙ୍କୁ ପ୍ରତିଶ୍ରୁତି ଦେଇଥିଲେ।

## ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ବଉଳା,୨୭।୩ (ଦୁର୍ଗା ପ୍ରସାଦ ଆୟଚ): କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ପନ୍ଦାଡ଼ୋ ପଞ୍ଚାୟତରେ ଥିବା ସରକାରୀ ବୌଦାଖିଆ ଆଶ୍ରମ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ମନ୍ମଥ ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଆନନ୍ଦପୁର ଅତିରିକ୍ତ ଜିଲା ମଙ୍ଗଳ ଅଧିକାରୀ ବିଜୟ କୁମାର ପୁର୍ତ୍ତି, ମୁଖ୍ୟ ବକ୍ତାଭାବେ ଗଡ଼ଚଣ୍ଡ ମହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁପ୍ରସାଦ ଦାସ, ସମ୍ମାନିତ ଅତିଥିଭାବେ ସିଆରସିସି ଅଞ୍ଜନ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ର ବେହେରା, ବ୍ରାହ୍ମଣିକେଳା ବିଦ୍ୟାଳୟର ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ଘଡ଼େଇ, ବିଦ୍ୟାଳୟ କମିଟିର ଚେୟାରମ୍ୟାନ ସୁଭଦ୍ରା ଘଗୁଆ ପ୍ରମୁଖ ଯୋଗଦେଇଥିଲେ। ଅତିଥିଙ୍କ ଦ୍ୱାରା କ୍ରୀଡ଼ା ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ମମତାମୟୀ ବିଶ୍ୱ କଲ୍ୟାଣ ରାଉତ, ଶିକ୍ଷକ ଗଜେନ୍ଦ୍ର ପ୍ରସାଦ ଧାମୁଡ଼ିଆ, ଅମୀୟ ରଞ୍ଜନ ରାଉତ, ଜଗନ୍ନାଥ ବାରିକ୍ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ଷ୍ଟାଡ଼ିୟମ କାମ ସମ୍ପୂର୍ଣ୍ଣ ଦାବି

ପାଟଣା,୨୭।୩(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ କେନ୍ଦେଇପଶି ଷ୍ଟାଡ଼ିୟମ ନିର୍ମାଣ ସାରିବାକୁ ଦାବି ହୋଇଛି। ଏ ନେଇ ଗୁରୁବାର ସ୍ଥାନୀୟ ଖେଳାଳି ଓ ବୁଦ୍ଧିଜୀବୀ ଷ୍ଟାଡ଼ିୟମ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ଅଭିଯୋଗ ମୁତାବକ, ଷ୍ଟାଡ଼ିୟମ ଉନ୍ନତିକରଣ ପାଇଁ ଜିଲା ଖଣିଜ ପାଣ୍ଠି(ଡିଏମ୍‌ଏଫ୍)ରୁ ୫୬ ଲକ୍ଷ ୩୦ହଜାର ବ୍ୟୟବରାଦ ହୋଇଛି। ୫ ଜଣ ଠିକାଦାର କାର୍ଯ୍ୟ କରୁଥିବା ବେଳେ କାର୍ଯ୍ୟ ଅଧପନ୍ତରିଆ ହୋଇ ରହିଥିବା ସ୍ଥାନୀୟ ଯୁବକ ଚନ୍ଦ୍ର ମୋହନ ମହାକୁଡ଼, ସରୋଜ ବାରିକ, ଟିକେଶ୍ୱର୍ ନାଏକ, ତ୍ରିଲୋଚନ ବେହେରା, ସୁରେଶ ନାଏକ, ଚିନ୍ମୟ ବାରିକ, ମୁନା ତେଲେଙ୍ଗା, ସେବା ବାରିକ ପ୍ରମୁଖ ଅଭିଯୋଗ କରିଛନ୍ତି। ପାଟଣା ସହକାରୀ ଯନ୍ତ୍ରୀ ସିଦ୍ଧ ମାଝି କହିଛନ୍ତି, ୨ ବର୍ଷ ପୂର୍ବେ ଉନ୍ନତିକରଣ କାମ ଆରମ୍ଭ ହୋଇଛି। ଷ୍ଟାଡିୟମ ନିକଟରେ କେତେକ ଘରୋଇ ଜମି ଥିବାରୁ ବିଳମ୍ବ ହେଉଛି। ଜମି ଚିହ୍ନଟ ସରିଛି, ଖୁବ୍‌ଶୀଘ୍ର ଅଧିଗ୍ରହଣ କରି କାର୍ଯ୍ୟ ଶେଷ କରାଯିବ।

## ମୟୂରଭଞ୍ଜ

# ବିଶ୍ୱ ନାଟ୍ୟ ଦିବସ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ରୀଛାତ୍ରମାନେ।

ବାରିପଦା,୨୭।୩(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ଗୁରୁବାର ପୂର୍ବାହ୍ନ ୧୧ଟାରେ ବିଶ୍ୱ ନାଟ୍ୟ ଦିବସ ପାଳିତ ହୋଇଯାଇଛି। ବିଭାଗୀୟ ମୁଖ୍ୟ ଡ. ରୀନା ମୁର୍ମୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ 'ମଞ୍ଚ ନାଟକର କଳା କୌଶଳ' ସମ୍ପର୍କରେ ବିଷଦ ଆଲୋଚନା କରାଯାଇଥିଲା। ଅଧ୍ୟାପିକା ଛନ୍ଦିତା ବିଶାଳ କାର୍ଯ୍ୟକ୍ରମ ସଞ୍ଚାଳନ କରିବା ସହ ନାଟକର ଉତ୍ପତ୍ତି ଓ କ୍ରମ ବିକାଶ ସମ୍ପର୍କରେ ସୂଚନା ଦେଇଥିଲେ। ଡ. ଦୟାନିଧି ପରିଡ଼ା ଓଡ଼ିଆ ନାଟକର ବିବର୍ତ୍ତନ ସମ୍ପର୍କରେ ସବିଶେଷ ଆଲୋଚନା କରିଥିବା ବେଳେ ଡ. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର ନାଟକର ଆବଶ୍ୟକତା, ପାତ୍ରମୁଖୀ ସଂଳାପ, ନାଟକର ଶ୍ଳେଷ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସ୍ନାତକ ଶ୍ରେଣୀର ଛାତ୍ରୀ ଗୀତାଞ୍ଜଳି ସେଠ ଓ ଶୁଭସ୍ମିତା ବେହେରା ନାଟକ ସମ୍ପର୍କିତ ଦୁଇଟି ପ୍ରବନ୍ଧ ଉପସ୍ଥାପନ କରିଥିଲେ। ଏହି ଅବସରରେ ଏଲ୍‌ଇଡି ମାଧ୍ୟମରେ ଆଧୁନିକ ଥିଏଟର ନାଟକର କଳା କୌଶଳ ସମ୍ପର୍କରେ ବିଭିନ୍ନ ଚିତ୍ର ପ୍ରଦର୍ଶନ ହୋଇଥିଲା। ଅତିଥି ଅଧ୍ୟାପିକା ଗାୟତ୍ରୀ ବେହେରା କାର୍ଯ୍ୟକ୍ରମର ସଫଳ ରୂପାୟନରେ ସହଯୋଗ କରିଥିଲେ। ଉଭୟ ୟୁ ଜି ଏବଂ ପିଜି ଶ୍ରେଣୀର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ଶେଷରେ ଅଧ୍ୟାପକ ଅଜୟ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

## ଗୋରୁ ବୋଝେଇ ଗାଡ଼ି ଜବତ

ରାଇରଙ୍ଗପୁର,୨୭।୩(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ତଥା ହାଟବାଦଡ଼ା ଫାଣ୍ଡି ଅଧୀନ କୁଦରସାହି ଗାଁ ରାସ୍ତାରୁ ବୁଧବାର ସନ୍ଧ୍ୟାରେ ପୋଲିସ ଏକ ଗୋରୁ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ଏହି ଗାଡ଼ିରେ ଚାଲାଣ ହେଉଥିବା ୮ ଗୋରୁଙ୍କୁ ଉଦ୍ଧାର କରିବା ସହ ଗାଡ଼ି ଚାଳକଙ୍କୁ ପୋଲିସ ଗିରଫ କରିଛି। ଗିରଫ ଗାଡ଼ି ଚାଳକ ଜଣକ ହେଲେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅଧୀନ ଡାମକୁରାଡ଼ି ଗ୍ରାମର ସେକ୍ ସେଫାଉଦ୍ଦିନ। ଏନେଇ ଥାନାରେ ଏକ ମାମଲା (ନଂ.୪୫/୨୫) ରୁଜୁ ପରେ ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତକାରୀ ଅଫିସର ଫାଣ୍ଡି ଅଧିକାରୀ ପଞ୍ଚାନନ ମହାନ୍ତି ସୂଚନା ଦେଇଛନ୍ତି।

# ଝୁଡୁଆ ବାରୁଣୀ ମେଳାରେ ଶ୍ରଦ୍ଧାଳୁଙ୍କ ଭିଡ଼

ଗୋପବନ୍ଧୁ ନଗର,୨୭।୩
(ଶାନ୍ତନୁ କୁମାର ମଣ୍ଡୁଆଲ)

ଗୋପବନ୍ଧୁ ନଗର ବ୍ଲକ ବାଲଡିହା ନିକଟସ୍ଥ ଝୁଡୁଆଠାରେ ସାନଖୁଣ୍ଟା ଟିଟିଆ ଓ ଭଣ୍ଡଗାଁ ପଞ୍ଚାୟତର ମଧ୍ୟସ୍ଥଳରେ ପ୍ରବାହିତ ଗଙ୍ଗାହାର ନଦୀ କୂଳରେ ଗୁରୁବାର ଲକ୍ଷାଧିକ ଭକ୍ତ ବାରୁଣୀ ସ୍ନାନ ଅବସରରେ ବୁଡ଼ ପକାଇଛନ୍ତି। ନଦୀ କୂଳରେ ଥିବା ଏକ ବିରାଟକାୟ ପଥର ଶଯ୍ୟା ଏବଂ ସେହି ପଥର ଶଯ୍ୟାର ପାଞ୍ଚ ଫୁଟ ତଳେ କୁଣ୍ଡ ମଧ୍ୟରେ ପୂଜା ପାଇ ଆସୁଛନ୍ତି ଧୁଡେଶ୍ୱର ମହାଦେବ। ତେବେ ମହାଦେବଙ୍କୁ ପାଣି ମଧ୍ୟରେ ଅଦୃଶ୍ୟ ଅବସ୍ଥାରେ ବର୍ଷ ସାରା ପୂଜା କରାଯାଉଥିବା ବେଳେ ପ୍ରତି ବର୍ଷ ପରମ୍ପରା ଅନୁଯାୟୀ ଚୈତ୍ର କୃଷ୍ଣ ପକ୍ଷ ତ୍ରୟୋଦଶ ତିଥିରେ କୁଣ୍ଡ ମଧ୍ୟରୁ ଜଳ ନିଷ୍କାସନ କରାଯାଇ ପୂଜାର୍ଚ୍ଚନା କରାଯାଇଥାଏ। ସେହି ସମୟରେ ଶିବ ଲିଙ୍ଗ ଦର୍ଶନର ସୌଭାଗ୍ୟ ମିଳିଥାଏ। ଗୁରୁବାର ୪୦ ଡିଗ୍ରୀ ଉତ୍ତାପ ଓ ଗୁଳୁଗୁଳି ସତ୍ତ୍ୱେ ଶ୍ରଦ୍ଧାଳୁମାନେ ଭିଡ଼ ଜମାଇଥିବା ଦେଖିବାକୁ ମିଳିଥିଲା। ସକାଳ ୫ଟାରେ ସୂର୍ଯ୍ୟପୂଜା, ଗୁରୁପୂଜା ଓ ମଙ୍ଗଳ ଆଳତି ପରେ ପ୍ରଭୁ ଶିବ ଶଙ୍କରଙ୍କ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ମହାଦେବଙ୍କ ପୂଜକ ସିଲୁ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ମୋଟ ୯ ଜଣ ବ୍ରାହ୍ମଣ ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ଏହି ବାରୁଣୀ ମେଳା ସପ୍ତାହ ଧରି ଚାଲିବ। ଏଠାକୁ ବିଭିନ୍ନ ପ୍ରାନ୍ତରରୁ ଲୋକଙ୍କ ସମାଗମ ହେଉଥିବାରୁ ଲୋକଙ୍କ ସୁବିଧା ନିମନ୍ତେ ଅସ୍ଥାୟୀ ମୋଟରଯାନର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଥିଲା। କମିଟିର ସଭାପତି ବ୍ୟୋମକେଶ ତ୍ରିପାଠୀ, ସମ୍ପାଦକ ସୁମନ୍ତ ନାୟକ, କୋଷାଧ୍ୟକ୍ଷ ଗୋପୀନାଥ ବେହେରା, ଭରତ ଖିଲାର, ଉଦୟନାଥ ମହାପାତ୍ର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ସମସ୍ତ ସଦସ୍ୟ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଥାନା ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଛି।


ମହାଦେବଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିବା ଶ୍ରଦ୍ଧାଳୁମାନେ।

# ବିଦ୍ୟାଳୟର ବାର୍ଷିକ ଉତ୍ସବ

ମୋରଡ଼ା,୨୭।୩(ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଅଜାଣ ସରକାରୀ ପ୍ରାଥମିକ ବିଦ୍ୟାଳୟର ବାର୍ଷିକୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଭବତୋଷ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ସରପଞ୍ଚ ଦାସମାତ ସୋରେନ, ପୂର୍ବତନ ପ୍ରଧାନଶିକ୍ଷକ ଜୟନ୍ତ କୁମାର ମହାନ୍ତ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଗୋବିନ୍ଦ ସୋରେନ,ମଙ୍ଗଲ ମୁର୍ମୁ, ଶିକ୍ଷକ ରାମଦାସ ବାସ୍କେ, ଶିକ୍ଷୟିତ୍ରୀ ଦୁଲି ସୋରେନ, ସତ୍ୟଭାମା ମହାନ୍ତ, ବରିଷ୍ଠ ଖବରଦାତା ପ୍ରଦୀପ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ବାର୍ଷିକ ଉତ୍ସବ ଉପଲକ୍ଷେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିବା ବେଳେ କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


କୃତୀ ଛାତ୍ରୀଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି।

# କମ୍ପ୍ୟୁଟର ପ୍ରୟୋଗ ବିଭାଗର ଜାତୀୟ ସମ୍ମିଳନୀ

ବାରିପଦା,୨୭।୩
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର କମ୍ପ୍ୟୁଟର ପ୍ରୟୋଗ ବିଭାଗ ଦ୍ୱାରା ଆୟୋଜିତ ଦୁଇ ଦିବସୀୟ ଜାତୀୟ ସମ୍ମିଳନୀ ଗୁରୁବାର ପୂର୍ବାହ୍ନ ୧୧ଟାରେ ଉଦଘାଟିତ ହୋଇଯାଇଛି । 'ରିସେଣ୍ଟ ଟ୍ରେଣ୍ଡ୍ସ ଇନ କମ୍ପ୍ୟୁଟିଙ୍ଗ, କମ୍ପ୍ୟୁନିକେଶନ ଆଣ୍ଡ ଆପ୍ଲିକେସନ' ଶୀର୍ଷକ ଏହି ସମ୍ମିଳନୀରେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କମ୍ପ୍ୟୁଟର ଗବେଷଣାକୁ ଶିଳ୍ପ, ସ୍ୱାସ୍ଥ୍ୟ, ଶିକ୍ଷା, ବ୍ୟବସାୟ ବ୍ୟତୀତ ସାମାଜିକ କ୍ଷେତ୍ରରେ ପ୍ରୟୋଗ କରିବାକୁ ଗବେଷକ ଓ ଛାତ୍ରୀଛାତ୍ର ମାନଙ୍କୁ ଆହ୍ୱାନ ଦେଇଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ହେମନ୍ତ କୁମାର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ବିଭାଗ ମୁଖ୍ୟ ପ୍ରଫେସର ଉତ୍ପଳ ରାୟ 'କ୍ୱାଣ୍ଟମ ଇନ୍‌ଫର୍ମେଟିକ୍ସ' ଶୀର୍ଷକ ବକ୍ତବ୍ୟରେ କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ ଉପରେ ନିଜର ଗବେଷଣା ସମ୍ପର୍କରେ ତଥ୍ୟ ରଖି ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଭାବ ବିନିମୟ କରିଥିଲେ। ଏନ୍‌ଭି ହାଇଦ୍ରାବାଦର ପ୍ରିସ୍ମାଲ ସଫ୍ଟୱେର୍ ଇଞ୍ଜିନିୟର ଅରୁଣ କୁମାର ତ୍ରିପାଠୀ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ସମ୍ମିଳନୀର ଆବାହକ ବିଭାଗୀୟ ମୁଖ୍ୟ ପ୍ରଫେସର ଏମ ହିମବିନ୍ଦୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସହ-ଆବାହକ ସହକାରୀ ପ୍ରଫେସର ଡ. ପ୍ରଶାନ୍ତ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର କାର୍ଯ୍ୟକାରୀ ସମ୍ପାଦକ ସହକାରୀ ପ୍ରଫେସର ଡ. ସ୍ୱରୂପାନନ୍ଦ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସମ୍ମିଳନୀରେ ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ସୁଜାତା ଦାଶ, ଆଇଆଇଆଇଟି ଭୁବନେଶ୍ୱରର ଡ. ରାକେଶ ଚନ୍ଦ୍ର ବଳବନ୍ତରାୟ ଓ ଆଇଆଇଟି ଖଡଗପୁରର ମାଇଣ୍ଡ୍ଲ୍ୟାବ ରିସର୍ଚ୍ଚ ପରାମର୍ଶଦାତା ଡ. ଆର୍ଚ୍ଚି ବାନାର୍ଜୀ ନିମନ୍ତ୍ରିତ ବକ୍ତା ରୂପେ ଓ ୧୦୦ ଜଣ ଗବେଷିକାଗବେଷକ ଓ ଛାତ୍ରୀଛାତ୍ର ଯୋଗ ଦେଇଛନ୍ତି । କାର୍ଯ୍ୟକ୍ରମ ପରିଚାଳନାରେ ବିଭାଗର ଭାଗ୍ୟଶ୍ରୀ ପାତ୍ର, ଜ୍ୟୋତିକିଶୋର ମହାନ୍ତ, ମନୋଜ ମୁଖୀ ପ୍ରମୁଖ ସହଯୋଗ କରିଥିଲେ ।ଉଦ୍‌ଘାଟନୀ ସମାରୋହରେ ବିଶ୍ୱବିଦ୍ୟାଳୟର ଅଧ୍ୟାପିକା ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।


ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

## ସଂସଦରେ ଦାବି ଉଠାଇଲେ କେନ୍ଦୁଝର ଏମ୍‌ପି

### କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା

ଠାକୁରମୁଣ୍ଡା,୨୭।୩(ତାରାକାନ୍ତ ପଟ୍ଟନାୟକ)- କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଗୁରୁବାର ସଂସଦରେ ମୟୂରଭଞ୍ଜ ଜିଲାର କରଞ୍ଜିଆରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଦାବି କରିଛନ୍ତ। ଏମ୍‌ପି ନାୟକ କହିଛନ୍ତି ଯେ, କରଞ୍ଜିଆ ଏକ ଜନଜାତି ବହୁଳ ଅଞ୍ଚଳ ଓ ଏଠାକାର ଲୋକସଂଖ୍ୟା ଦୁଇ ଲକ୍ଷରୁ ଅଧିକ। ଏହା ସତ୍ତ୍ୱେ ଏହି ଅଞ୍ଚଳରେ ଗୋଟିଏ ହେଲେ କେନ୍ଦ୍ରୀୟ ବିଦ୍ୟାଳୟ ନାହିଁ। କେନ୍ଦୁଝର ଓ ମୟୂରଭଞ୍ଜ ଜିଲା ମୁଖ୍ୟାଳୟ ବାରିପଦାଠାରେ କେନ୍ଦ୍ରୀୟ ବିଦ୍ୟାଳୟ ଅଛି ଯାହା କରଞ୍ଜିଆଠାରୁ ଦୂରରେ। କରଞ୍ଜିଆର ଭୌଗଳିକ ସ୍ଥିତି ଓ ସାମାଜିକ, ଆର୍ଥିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଏଠାରେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାର ଆବଶ୍ୟକତା ରହିଛି। ଏହା ଦ୍ୱାରା କେବଳ ଯେ ଜନଜାତୀୟ ଛାତ୍ରୀଛାତ୍ରମାନେ ଶିକ୍ଷା ପ୍ରାପ୍ତ କରିବାରେ ସଫଳ ହେବେ ତା ନୁହେଁ ବରଂ ଜନଜାତୀୟ ସମାଜର ସଶକ୍ତୀକରଣ ମଧ୍ୟ ହୋଇ ପାରିବ ବୋଲି ଏମ୍‌ପି ନାୟକ କହିଛନ୍ତି।

## ରଘୁନାଥପୁରରେ ହେବ ମୁକ୍ତ ମଞ୍ଚ ନାଟକ ମହୋତ୍ସବ

**ଭଣ୍ଡାରିପୋଖରୀ,୨୭।୩ (ରାଜେନ୍ଦ୍ର ଶତପଥୀ)**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଗ୍ରାମରେ ମୁକ୍ତ ମଞ୍ଚ ନାଟକ ମହୋତ୍ସବ ଅନୁଷ୍ଠିତ ହେବ। ଗ୍ରାମର ଶ୍ରୀ ରଘୁନାଥ ଯୁବନାଟ୍ୟ ପରିଷଦ ଆନୁକୂଲ୍ୟରେ ସପ୍ତା ପ୍ରାଙ୍ଗଣରେ ଆସନ୍ତା ବୁଧବାରଠାରୁ ମହୋତ୍ସବ ଆରମ୍ଭ ହୋଇ ଶୁକ୍ରବାର ଉଦ୍‌ଯାପିତ ହେବ। ଶ୍ରୀଜଗନ୍ନାଥଙ୍କ ସପ୍ତାମେଳା ଓ ହରିହାଟ ମେଳା ଅବସରରେ ରଘୁନାଥପୁର ମହୋତ୍ସବ ଓ ମୁକ୍ତ ମଞ୍ଚ ନାଟକ ପରିବେଷଣ କରାଯିବ ବୋଲି ସଭାପତି ସରୋଜ ନାୟକ, ଉପସଭାପତି ଉମାକାନ୍ତ ସାହୁ, ସମ୍ପାଦକ ବିଷ୍ଣୁ ବୋଇତାଇ ଓ ସହସମ୍ପାଦକ ତପନ ରାଉତ କହିଛନ୍ତି।

## ମନ୍ଦିର ବାର୍ଷିକୋତ୍ସବ

**ବନ୍ତ,୨୭।୩ (ହରି ନାରାୟଣ ମହାନ୍ତି)**

ବନ୍ତ ବ୍ଲକ ନିଳୋକ ପଞ୍ଚାୟତ ବେଗନା ଗ୍ରାମରେ ଗୁରୁବାର ରାଧାକୃଷ୍ଣ ମନ୍ଦିରର ପ୍ରଥମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପୂଜକ ପ୍ରଶାନ୍ତ କର, ଭାବଗ୍ରାହୀ ଶତପଥୀ ଯଜ୍ଞ କାର୍ଯ୍ୟ ଓ ପୁରୋହିତ ଗୌରହରି ନନ୍ଦ ପୂଜା କାର୍ଯ୍ୟ ତୁଲାଇଥିଲେ। ଭଦ୍ରକ ଇସ୍କନ ସଭାପତି ପ୍ରଭୁ ତେଜଶ୍ରୀ ଓ ସାଥୀଙ୍କ ଦ୍ୱାରା ଭାଗବତ ଜ୍ଞାନବାଣୀ ପ୍ରଚାର ଏବଂ ସନ୍ଧ୍ୟାରେ ଭଜନ କାର୍ଯ୍ୟକ୍ରମ ହୋଇଥିଲା। ହରେକୃଷ୍ଣ ନନ୍ଦ, ଭାଗୀରଥି ସାହୁ, ଜୟନ୍ତ ସେନାପତି, ସନ୍ତୋଷ ନନ୍ଦ, ପର୍ଶୁରାମ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ରଦି କାଗଜରେ ସୁନ୍ଦର କଳାକୃତି



ମହିଳାମାନଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀ।

### ୨୦ ମହିଳା ହୋଇପାରିଛନ୍ତି ରୋଜଗାରକ୍ଷମ

**ସାବରଙ୍ଗ,୨୭।୩ (କାଳିପଦ ରାୟ)**

ଘରେ ଅବ୍ୟବହୃତ କାଗଜ, ପୁରୁଣା ଖବରକାଗଜ, କାଗଜ ଠୁଙ୍ଗା, ପେଟି ଇତ୍ୟାଦି କାମରେ ଲାଗୁ ନ ଥିବାରୁ ଲୋକେ ଏଣେତେଣେ ଫିଙ୍ଗି ଦେଇଥାନ୍ତି। କିନ୍ତୁ ଏପରି ଅବ୍ୟବହୃତ ରଦି କାଗଜକୁ କାମରେ ଲଗାଇ ସୁନ୍ଦର କଳାକୃତିରେ ପରିଣତ କରିବା ସହ ୨୦ଜଣ ମହିଳା ସ୍ୱାବଲମ୍ବୀ ହୋଇପାରିଛନ୍ତି। ରଦି କାଗଜ ସେମାନଙ୍କୁ ରୋଜଗାର ଦେଇଛି। ରଦି ଓ ଅବ୍ୟବହୃତ କାଗଜରେ ବିଭିନ୍ନ ଠାକୁରଙ୍କ ସୁନ୍ଦର ପ୍ରତିମୂର୍ତ୍ତି, ଫୁଲଦାନୀ, କଲମ ଷ୍ଟାଣ୍ଡ ଆଦି କଳାକୃତି ପୂର୍ଣ୍ଣ ପ୍ରାକୃତିକ ପଟ୍ଟମୂର୍ତ୍ତି ତିଆରି କରୁଛନ୍ତି ବାସୁଦେବପୁର ବ୍ଲକ ଅଧୀନ କରଞ୍ଜଆଡ଼ିଆ ପଞ୍ଚାୟତ ରହିମପୁର ଗ୍ରାମର ଗଙ୍ଗାମାତା ସ୍ୱୟଂସହାୟକ ଗୋଷ୍ଠୀର ମହିଳାମାନେ।

୨୦୨୨ରୁ ଗଠନ ହୋଇଥିବା ଏହି ଗୋଷ୍ଠୀର ୨୦ଜଣ ମହିଳା କାଗଜକୁ ବ୍ୟବହାର କରି ମାସକୁ ୧୫ରୁ ୨୦ ହଜାର ଟଙ୍କା ରୋଜଗାର କରୁଛନ୍ତି। କଞ୍ଚାମାଲ ଭାବେ କାଗଜ, ତେନ୍ତୁଳି ମଞ୍ଜିରୁ ପ୍ରସ୍ତୁତ ଅଠା, ପ୍ଲାଷ୍ଟର ଅଫ୍ ପ୍ୟାରିସ୍, ଫେଭିକଲ ଆଦି ବ୍ୟବହାର କରନ୍ତି। ଗୋଷ୍ଠୀର ଉତ୍ପାଦିତ ସାମଗ୍ରୀକୁ ଓଡ଼ିଶା ସରକାରଙ୍କ ବିଭିନ୍ନ ପ୍ରଦର୍ଶନୀ ଓ ମହୋତ୍ସବରେ ଷ୍ଟଲ୍ ପକାଇ ମହିଳାମାନେ ବିକ୍ରି କରୁଛନ୍ତି। ବିଭିନ୍ନ ସାମାଜିକ ସଂସ୍ଥା ଏବଂ ବ୍ୟକ୍ତିବିଶେଷ ସିଧାସଳଖ ଗାଁକୁ ଆସି ସେମାନଙ୍କଠାରୁ ଆବଶ୍ୟକ ସାମଗ୍ରୀ ମଧ୍ୟ କିଣି ନେଉଛନ୍ତି। ଅଧିକାଂଶ ମହିଳା ଗୋଷ୍ଠୀ ବ୍ୟାଙ୍କ ଋଣ ନେଇ ବ୍ୟକ୍ତିଗତ କାମରେ ଲଗାଉଥିବା ବେଳେ ଏମାନେ ସେହି ଅର୍ଥକୁ ବିନିଯୋଗ କରି ବିଭିନ୍ନ ସାମଗ୍ରୀ ଉତ୍ପାଦନ କରି ରୋଜଗାରକ୍ଷମ ହୋଇପାରିଛନ୍ତି। ଏହାଦ୍ୱାରା ଗୋଷ୍ଠୀର ମହିଳାମାନେ ସ୍ୱାବଲମ୍ବୀ ହୋଇପାରିଥିବା ବେଳେ ଏହି କାର୍ଯ୍ୟ କରିବା ପାଇଁ ସେମାନଙ୍କ ମଧ୍ୟରେ ଆଗ୍ରହ ବଢ଼ିଛି। ତେବେ ଉତ୍ପାଦିତ ସାମଗ୍ରୀ ଠିକ୍ ଭାବେ ବିକ୍ରି ହୋଇପାରୁ ନାହିଁ। ଏଥିପ୍ରତି ସରକାର ଦୃଷ୍ଟି ଦେଇ ବିକ୍ରୟ ପାଇଁ ସୁଯୋଗ ସୃଷ୍ଟି କଲେ ସେମାନେ ଅଧିକ ରୋଜଗାର କରିବା ସହ ବ୍ୟବସାୟକୁ ବଢ଼ାଇ ପାରନ୍ତେ ବୋଲି ଗୋଷ୍ଠୀର ସଭାନେତ୍ରୀ ମଞ୍ଜୁଲତା ବେହେରା କହିଛନ୍ତି।

## ବିଦ୍ୟାଳୟରେ ଯୋଗ, ଦିନଚର୍ଯ୍ୟା ତାଲିମ



ଛାତ୍ରୀମାନେ ଯୋଗ କରୁଛନ୍ତି।

**ଆଗରପଡ଼ା,୨୭।୩ (ସୁଶାନ୍ତ ଦାଶ)**

ଆଗରପଡ଼ା ନିକଟସ୍ଥ ବାଣିଡିଆ ପଞ୍ଚାୟତର ନାଲଗରା ଆର୍‌କେ ଜୀଉ ଉଚ୍ଚ ବିଦ୍ୟାଳୟରେ କିଶୋରୀ ବାଳିକାମାନଙ୍କ ଶାରୀରିକ, ମାନସିକ ସନ୍ତୁଳନ ନିମନ୍ତେ ଯୋଗ ଓ ଦିନଚର୍ଯ୍ୟା ତାଲିମ ଶିବିର ଗୁରୁବାର ସକାଳ ୯ଟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଭଦ୍ରକ ଜିଲା ଯୋଗ ପ୍ରଚାରକ ଧରଣୀଧର କର ଛାତ୍ରୀମାନଙ୍କୁ ଯୋଗ ଶିକ୍ଷା ପ୍ରଦାନ କରିଥିଲେ। ଯୋଗ ପଦ୍ଧତିକୁ ଆପଣାଇଲେ କିଶୋର ଅବସ୍ଥାରେ ଆସୁଥିବା ପରିବର୍ତ୍ତନକୁ ସହଜରେ ଖାପଖୁଆଇ ପାରିବା ସହ ଜଳବାୟୁ ପରିବର୍ତ୍ତନ ହେଉ କି ଭାଇରସ୍ ସବୁ ପରିସ୍ଥିତି, ପରିବେଶରେ ସୁସ୍ଥ ରହିପାରିବ ବୋଲି ଯୋଗ ପ୍ରଚାର କରିଥିଲେ। ଡା. ନମିତା ପାଣିଗ୍ରାହୀ ଛାତ୍ରୀମାନଙ୍କୁ ସଦାସର୍ବଦା ନିଜେ ପରିଷ୍କାର ପରିଚ୍ଛନ୍ନ ରହିବା ସହ ପୋଷାକ ସବୁବେଳେ ପରିଷ୍କାର ରଖିବାକୁ ପରାମର୍ଶ ଦେଇଥିଲେ। ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ସୌମ୍ୟଶ୍ରୀ ଦ୍ୱିବେଦୀ, ସୌଦାମିନୀ ପଲାର, ଲିଙ୍କନ କୁମାର ଲେଙ୍କା, ପଦ୍ମଲୋଚନ ପଣ୍ଡା, ସୋମନାଥ ସାହୁ, କୈଳାସ ଚନ୍ଦ୍ର ଯେନା, ଚକ୍ରଧର ଯେନା, ସୁଦର୍ଶନ ପାଢ଼ୀ, ରବୀନ୍ଦ୍ର କୁମାର ଭାରତୀ, ଶଙ୍କର୍ଷଣ ଦାସ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ମହିଳା ମହାବିଦ୍ୟାଳୟରେ ଉର୍ଦ୍ଦୁ ବିଭାଗର ସେମିନାର

**ଭଦ୍ରକ,୨୭।୩ (ସନାତନ ରାଉତ)**

ଭଦ୍ରକ ମହିଳା ମହାବିଦ୍ୟାଳୟରେ ଉର୍ଦ୍ଦୁ ବିଭାଗ (ଯୁକ୍ତ ୩ ତୃତୀୟ ବର୍ଷ) ପକ୍ଷରୁ 'କସିଦେ କି ଅପବିତ୍ର ଔର ସାମାଜିକ ମାନୌୟତ' ଶୀର୍ଷକ ଆଲୋଚନାଚକ୍ର ବୁଧବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ନୀଳଗିରି ରବି ସାହୁ ଆନୁଷ୍ଠାନିକ ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଉର୍ଦ୍ଦୁ ବିଭାଗ ଅଧ୍ୟାପକ ସଲାଉଦ୍ଦିନ ସାହା ଉକ୍ତ ବିଷୟରେ ଆଲୋକପାତ କରିଥିଲେ। ବିଭାଗର ମୁଖ୍ୟ ଅଧ୍ୟାପିକା ନସୀମା ଆରା ନିଖତ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ଅଧ୍ୟାପକ ଗୁଲାମ ସୁଦାହାନି ଅତିଥି ପରିଚୟ ଦେଇଥିଲେ।

## ଜିଲାପାଳ, ଏସ୍‌ପିଙ୍କୁ ଭେଟିଲା ମହିଳା ସଙ୍ଗଠନ

**ଧୁଷୁରୀ, ୨୭।୩ (ଦୀପ୍ତିରଞ୍ଜନ ନାୟକ)**

ଧୁଷୁରୀ ଅଞ୍ଚଳରେ ନୂତନ ଭାବେ ଗଠିତ ମହିଳା ସଙ୍ଗଠନ ଅନୁକମ୍ପାର କର୍ମକର୍ତ୍ତା ଗୁରୁବାର ଅପରାହ୍ନ ୧ଟା ୩୦ରେ ଭଦ୍ରକ ଜିଲାପାଳ ଦିଲୀପ ରାଉତରାଏ ଓ ପରେ ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦଙ୍କୁ ସ୍ୱାଗତ ଜଣାଇବା ସହ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଛନ୍ତି। ସ୍ଥାନୀୟ ଅଞ୍ଚଳରେ ଚୋରାମଦ କାରବାର ସହ ବେଆଇନ କୋଇଲା ଓ କାଠ ଚାଲାଣ ସାଙ୍ଗକୁ ଚୋରି, ଡକାୟତି ବଢ଼ି ଚାଲିଛି। ଏହାର ପରିସମାପ୍ତି ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସେମାନେ ଜିଲାପାଳ ଓ ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି। ସଙ୍ଗଠନ ସଭାପତି ଅଞ୍ଜନା ଲେଙ୍କା, ସାଧାରଣ ସମ୍ପାଦିକା ଅଞ୍ଜନା ମହାକୁଲ, ଉପସଭାପତି ବିମଳା ନାଥ, ସଭ୍ୟା ମନୋରମା ବାରିକ ପ୍ରମୁଖ ଦୁଇ ଅଧିକାରୀଙ୍କୁ ଭେଟିଥିଲେ।

## ମା'ଙ୍କୁ ସୁମରଣା କଲେ ମିଳୁଥିଲା ବାସନକୁସନ

### ବାରୁଣୀ ମେଳାରେ ଗଙ୍ଗାମାତାଙ୍କ ପୂଜା

**ତିହିଡ଼ି,୨୭।୩ (ସଞ୍ଜିତ ବଳ)**

ପବିତ୍ର ବାରୁଣୀ ମେଳା ଅବସରରେ ତିହିଡ଼ି ଗ୍ରାମରେ ପୂଜା ପାଉଛନ୍ତି ଗଙ୍ଗାମାତା। ବୁଧବାର କଳସ ବୁଡ଼ାଯିବା ପରେ ଗୁରୁବାରଠାରୁ ମା'ଙ୍କୁ ପୂଜାର୍ଚ୍ଚନା କରାଯାଉଛି। ମା'ଙ୍କ ମୃଣ୍ମୟ ମୂର୍ତ୍ତି ସ୍ଥାପନା କରାଯାଇ ପୂଜା କରାଯାଉଛି। ୪ଦିନ ଧରି ଚାଲିବ। ୧୯୭୧ରେ ହରିପୁର ଗ୍ରାମର ସ୍ୱର୍ଗତ ଗୋଲକ ପ୍ରସାଦ ଜେନା ତିହିଡ଼ି ଗ୍ରାମ ଶେଷଭାଗରେ ଥିବା ପୋଖରୀ କୂଳରେ ଏହି ପୂଜା ଆରମ୍ଭ କରିଥିଲେ। ସେବେଠାରୁ ଗ୍ରାମବାସୀଙ୍କ ସହଯୋଗରେ ବେଶ୍ ଯାକଯମକର ସହ ବାରୁଣୀ ମେଳା ଓ ଗଙ୍ଗାମାତାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ଗୋଲକଙ୍କ ଡାକ ନାଁ କେଳା ହୋଇଥିବାରୁ ଅଧିକାଂଶ ଲୋକ



ଏହାକୁ କେଳା ବାରୁଣୀ ବୋଲି କହିବା ସହ ପୋଖରୀକୁ ବାରୁଣୀ ପୋଖରୀ କହିଥାନ୍ତି। ବାରୁଣୀ ସ୍ଥଳରେ ଥିବା ସେହି ପୋଖରୀର ମଧ୍ୟ ବେଶ୍ ମହାତ୍ମ୍ୟ ରହିଛି। କଥିତ ଅଛି ପୂର୍ବରୁ ବିବାହ, ବ୍ରତ ଆଦି ଶୁଭ କାର୍ଯ୍ୟରେ ସେହି ପୋଖରୀ ପାଖକୁ ଯାଇ ଲୋକେ ଗଙ୍ଗାମାତାଙ୍କୁ ସୁମରଣା କରିଥାନ୍ତି। ମା' ସଦୟ ହୋଇ ମାଙ୍ଗଳିକ କାର୍ଯ୍ୟ ପାଇଁ ଆବଶ୍ୟକ ପଡୁଥିବା ବାସନକୁସନ ଓ ଅନ୍ୟ ସାମଗ୍ରୀ ପଠାଇଥାନ୍ତି। କାମ ସରିବା ପରେ ଲୋକେ ସେହି ସାମଗ୍ରୀକୁ ପରିଷ୍କାର କରି ପୁଣି ପୋଖରୀରେ ଭସାଇ ଦେଇଥାନ୍ତି। ତେବେ ସମୟ ବଦଳିବା ସହ ଲୋକଙ୍କ ଆର୍ଥିକ ଅବସ୍ଥାରେ ପରିବର୍ତ୍ତନ ଘଟିବା ଯୋଗୁ ଏହା ବନ୍ଦ ହୋଇଯାଇଥିବା କୁହାଯାଏ।

ଏହି ମେଳାରେ ସ୍ଥାନୀୟ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ସେମାନେ ମା'ଙ୍କ ଦର୍ଶନ କରି କୃପାଲାଭ କରିଥାନ୍ତି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଯାତ୍ରା ମଧ୍ୟ ପରିବେଷଣ ହୋଇଥାଏ। ଚଳିତବର୍ଷ କର୍ତ୍ତା ଭାବେ ସର୍ବେଶ୍ୱର ନାୟକ, ପୂଜକ ଭାବେ ଶୁକଦେବ ଦାସ ଓ ରଘୁନାଥ ଦାସ ପୂଜା କାର୍ଯ୍ୟ ତୁଲାଉଛନ୍ତି। ବାରୁଣୀ ମେଳା କମିଟି ସଭାପତି ପ୍ରଭାତ କୁମାର ରାଉଳ, ସମ୍ପାଦକ ବିଷ୍ଣୁଚନ୍ଦ୍ର ଦାସ, ସଦସ୍ୟ ପାର୍ଥସାରଥୀ ଦାସ, ବାପୁଜୀ ନାୟକ, ମନୋରଞ୍ଜନ ବେହେରା, ବିଜୟ ସାହୁ, ଟିକିନା ଜେନା, ହରିହର ନାୟକ ପ୍ରମୁଖ ସହଯୋଗ କରୁଛନ୍ତି।

## ଇଫ୍‌ତାର ପାର୍ଟି

**ଭଦ୍ରକ,୨୭।୩ (ସନାତନ ରାଉତ)**

ଭଦ୍ରକ ପୌରାଧ୍ୟକ୍ଷାଙ୍କ କାର୍ଯ୍ୟକାଳ ୩ବର୍ଷ ପୂରଣ ହୋଇଥିବା ବେଳେ ଏହି ଉପଲକ୍ଷେ ଭଦ୍ରକ ପୁରୁଣାବଜାରସ୍ଥିତ ହନିଫ୍ କ୍ଲବ୍‌ରେ ବୁଧବାର ସନ୍ଧ୍ୟା ୬ଟାରେ ଏକ ଇଫ୍‌ତାର ପାର୍ଟି ହୋଇଥିଲା। ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପୂର୍ବତନ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ବିଜେଡି ନେତା ମୁନ୍ନା ଖାଁ, ଅୟୁବ ଅଲି ଖାଁ, ପ୍ରତାପ ଜେନା, ସଞ୍ଜୟ ଦାସ ବର୍ମା, ପୂର୍ବତନ ବିଧାୟକ ରାଜେନ୍ଦ୍ର ଦାସ, ବ୍ଲକ ଅଧ୍ୟକ୍ଷା ଉର୍ମିଳା ନାୟକ, ଧାମନଗର ବିଜେଡି ନେତା ଡା. ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ଏନ୍‌ଏସି ଅଧ୍ୟକ୍ଷା ନିବେଦିତା ଜେନା, ଚାଷୀନେତା ଅକ୍ଷୟ କୁମାର, ମହମ୍ମଦ ମନୱର ଅଲି, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ଅତିଥିମାନେ ପ୍ରଥମେ ସଦ୍‌ଭାବନା ପାଇଁ ରାଷ୍ଟ୍ରପତି ପୁରସ୍କାର ପାଇଥିବା ସ୍ୱର୍ଗତ ହାଜି ଅବଦୁଲ ବାରି ଓ ହନିଫ୍ ବାବୁଙ୍କ କବରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଇଫ୍‌ତାର୍ ପାର୍ଟିରେ ଯୋଗଦେଇ ପୌରାଧ୍ୟକ୍ଷା ଗୁଲମକ୍କୀ ଦଲାୱାଜି ହବିବ୍‌ଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସେହିପରି ଜିଲାପାଳ ଦିଲୀପ ରାଉତରାଏ, ଅତିରିକ୍ତ ଜିଲାପାଳ ସରୋଜ ଦତ୍ତ, ଏସ୍‌ପି ମଡ଼କର ସନ୍ଦୀପ ସମ୍ପଦ ଓ ଗୋଇନ୍ଦା ବିଭାଗ ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ ଯୋଗଦେଇ ପୌରାଧ୍ୟକ୍ଷାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ପୌରପାଳିକାର ପାରିଷଦ ଓ ବିଭିନ୍ନ ପଞ୍ଚାୟତର ଲୋକ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ।




ଇଫ୍‌ତାର ପାର୍ଟିରେ ଅତିଥିମାନେ।

## ବିଦ୍ୟା ନିକେତନର ବାର୍ଷିକ ସମାରୋହ



ମଞ୍ଚରେ ସମ୍ବର୍ଦ୍ଧିତ କରାଯାଉଛି।

**ବାସୁଦେବପୁର,୨୭।୩ (ନାରାୟଣ ପ୍ରସାଦ ବାରିକ୍)**

ବାସୁଦେବପୁର ରାମକୃଷ୍ଣ ବିଦ୍ୟା ନିକେତନ ଶିକ୍ଷାନୁଷ୍ଠାନର ଦ୍ୱାଦଶ ବାର୍ଷିକୋତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଓଡ଼ିଶା ବିଜ୍ଞାନ ଏକାଡେମୀର ଆଜୀବନ ସଦସ୍ୟ ତଥା ମଙ୍ଗଳପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଡ. ପଙ୍କଜ କୁମାର ଜେନା ଯୋଗଦେଇ ସମାରୋହକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ର ଭଲ ମଣିଷ ହେବା ସହ ସାମାଜିକ ଜୀବନରେ ଶୃଙ୍ଖଳିତ ହେବାକୁ ପରାମର୍ଶ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତୃପ୍ତି ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ସ୍ନିଗ୍ଧା ମହାନ୍ତି ଯୋଗଦେଇ ଛାତ୍ରୀଛାତ୍ର ନିଜର ସାଧନା ପଥରେ ଅଗ୍ରସର ହୋଇ ଜୀବନରେ ସଫଳ ହେବାକୁ ଆହ୍ୱାନ ଦେଇଥିଲେ। ପରିଚାଳନା ସମିତି ଉପସଭାପତି ବିଜୟ କୁମାର ବଳ ସଭାପତିତ୍ୱ କରିଥିବା ବେଳେ ପ୍ରଧାନଆଚାର୍ଯ୍ୟ ଧୀରେନ୍ଦ୍ର ବାରିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସେବାନିବୃତ୍ତ ଶିକ୍ଷକ ସଦାନନ୍ଦ ପାଣିଗ୍ରାହୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ସର୍ବପୁରାତନ କୀର୍ତ୍ତନ ମଣ୍ଡପର ଉନ୍ନତୀକରଣ ଦାବି

**ଭଦ୍ରକ,୨୭।୩ (ସନାତନ ରାଉତ)**

ଧାମନଗର ବ୍ଲକ ଖପରପଦା ପଞ୍ଚାୟତର ମଙ୍ଗଳପୁରରେ ଥିବା ସର୍ବପୁରାତନ ହରିନାମ ଯଜ୍ଞ କୀର୍ତ୍ତନ ମଣ୍ଡପର ଉନ୍ନତୀକରଣ ପାଇଁ ଦାବି କରାଯାଇଛି। ୧୯୩୪ରେ ସ୍ଥାପିତ ଏହି ମଣ୍ଡପର ଉନ୍ନତୀକରଣ ପାଇଁ ରାଜ୍ୟ ସଂସ୍କୃତି ବିଭାଗରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଗୁରୁବାର ପୂର୍ବାହ୍ନ ୧୧ଟାରେ ଜିଲାପାଳଙ୍କ ଜରିଆରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। କୀର୍ତ୍ତନ କମିଟିର ସଭାପତି ନିରଞ୍ଜନ ମଳିକ ଓ ସମ୍ପାଦକ ଲକ୍ଷ୍ମୀଧର ପଣ୍ଡାଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳ ଦିଲୀପ ରାଉତରାଏଙ୍କୁ ଭେଟି ଦାବି ଜଣାଇଥିଲେ।

ଲୁଣିଆ ଗୁଳିକାଣ୍ଡର ଶହୀଦ ସ୍ମୃତିସ୍ତମ୍ଭ ରାସ୍ତାପାର୍ଶ୍ୱ କପାଳୀ ନଦୀକୂଳରେ ସ୍ଥାପିତ ଏହି ମଣ୍ଡପରେ ପ୍ରତିବର୍ଷ ନାବପୂଜା, ଚୈତ୍ର ପୂର୍ଣ୍ଣିମା ତିଥିରେ ଏଠାରେ ଅହୋରାତ୍ର ଅଖଣ୍ଡ ନାମଯଜ୍ଞ ହୋଇଥାଏ। ଏହି ମଣ୍ଡପଟିକୁ ପୂର୍ବପୁରୁଷମାନେ ସୁନ୍ଦର କାରୁକାର୍ଯ୍ୟ କାଠରେ ନିର୍ମିତ ଚାଳଛପର ଘରେ ନିର୍ମାଣ କରାଇଥିଲେ। ୧୯୯୯ ମହାବାତ୍ୟାରେ ମଣ୍ଡପଟି ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ପରେ ପୂର୍ବତନ ଏମ୍‌ପି ସ୍ୱର୍ଗତ ଅର୍ଜ୍ଜୁନ ଚରଣ ସେଠୀଙ୍କ ଅନୁଦାନ ଅର୍ଥରେ କୀର୍ତ୍ତନ ମଣ୍ଡପର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଅର୍ଥାଭାବରୁ ଭିତର ପାର୍ଶ୍ୱ ଅସମ୍ପୂର୍ଣ୍ଣ ରହିଛି। ଅସମ୍ପୂର୍ଣ୍ଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବା ସହ ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ, ଫାଟକ ଓ ମୁଖ୍ୟ ତୋରଣ, ଚତୁଃପାର୍ଶ୍ୱରେ ଚାରାରୋପଣ ଆଦି ଦାବି ରହିଛି। ସ୍ମାରକପତ୍ରର ଏକକିତା ନକଲ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ବିଭାଗ ମନ୍ତ୍ରୀ, ପର୍ଯ୍ୟଟନ ମନ୍ତ୍ରୀ ଓ ଭାଜପା ରାଜ୍ୟ ସଭାପତିଙ୍କୁ ପ୍ରେରଣ କରାଯାଇଛି।

## ଆଗରପଡ଼ା ମହୋତ୍ସବର ୯ମ ସନ୍ଧ୍ୟା



ମଞ୍ଚରେ ମୋଗଲ ତାମସା ପରିବେଷଣ।

**ବନ୍ତ,୨୭।୩ (ହରିନାରାୟଣ ମହାନ୍ତି)**

ଏ ମାଟିର ବରପୁତ୍ର ହରେକୃଷ୍ଣ ମହତାବ ଜଣେ ରାଷ୍ଟ୍ରନୀତିଜ୍ଞ ଓ ଅପ୍ରତିଦ୍ୱନ୍ଦ୍ୱୀ ବ୍ୟକ୍ତି ଥିଲେ। ତାଙ୍କର ସୁଦୂର ପ୍ରସାରୀ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟଧାରା ପାଇଁ ସବୁଦିନ ସମସ୍ତଙ୍କ ହୃଦୟରେ ରହିଥିବେ ବୋଲି ବନ୍ତ ବ୍ଲକର ଆଗରପଡ଼ାଠାରେ ଚାଲିଥିବା ଉତ୍କଳ କେଶରୀ ଆଗରପଡ଼ା ମହୋତ୍ସବର ୯ମ ସନ୍ଧ୍ୟାରେ ମୁଖ୍ୟଅତିଥି ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ କହିଥିଲେ। ମହୋତ୍ସବ କମିଟି ସଭାପତି ଆଇନଜୀବୀ ମନୋଜ ରାୟଙ୍କ ସଭାପତିତ୍ୱ ଏବଂ ସମ୍ପାଦକ ହେମନ୍ତ ସିଂହଙ୍କ ମଞ୍ଚ ପରିଚାଳନାରେ ବୁଧବାର ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ଭଦ୍ରକ ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଡ. କାର୍ତ୍ତିକେଶ୍ୱର ରାଉଳ, ସମ୍ମାନିତ ଅତିଥି ଭାବେ ଜନନେତା ଦିଲୀପ ନାୟକ, ଯୁବନେତା ସତ୍ୟସାଧନ ବେଜ, ଗାୟକ ନନ୍ଦକିଶୋର ନାୟକ, ମହୋତ୍ସବ କମିଟି ଉପଦେଷ୍ଟା ହରମୋହନ ପଣ୍ଡା, ସୁବୋଧ କୁମାର ସାହୁ, ନାରାୟଣ ଚନ୍ଦ୍ର ଲେଙ୍କା, ରମାକାନ୍ତ ଜେନା ଓ ଉପସଭାପତି ମମତା ମହାନ୍ତି ଯୋଗଦେଇ ବକ୍ତବ୍ୟ ରଖିଥିଲେ।

ଏହି ଅବସରରେ ମୋଗଲ ତାମସାର ନାଟ୍ୟ ନିର୍ଦ୍ଦେଶକ ଗୌରାଙ୍ଗ ଚନ୍ଦ୍ର ବାରିକ, ଭଦ୍ରକ ସାଇ ନୃତ୍ୟ କଳା ଏକାଡେମୀର ଅଧ୍ୟକ୍ଷା ପୁଷ୍ପମିତ୍ରା ବେହେରା, କର୍ଣ୍ଣଶିଳ୍ପୀ ସର୍ବେଶ୍ୱର ପଣ୍ଡା ଓ ମିନତି ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭଦ୍ରକ ସାଇ ନୃତ୍ୟ କଳା ଏକାଡେମୀ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଶେଷରେ ମୋଗଲ ତାମସା ପରିବେଷଣ ହୋଇଥିଲା। ଜଗନ୍ନାଥ ପଲତା, ନମିତା ବେହେରା, ପ୍ରତିମା ସାହୁ, ସୁଦର୍ଶନ ସିଂହ, ଚିତ୍ତରଞ୍ଜନ ଦାସ, ମାମୁନି ସିଂହ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଜିଲାସ୍ତରୀୟ ହସ୍ତଶିଳ୍ପ ସଚେତନତା

**ଭଦ୍ରକ, ୨୭।୩ (ରବିନାରାୟଣ ଖିଲାର)**




ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମରେ ଜିଲାପାଳ ଦିଲୀପ ରାଉତରାଏ ଓ ଅନ୍ୟମାନେ।

ଭଦ୍ରକ ଟାଉନ ହଲ୍‌ଠାରେ ଜିଲାସ୍ତରୀୟ ହସ୍ତଶିଳ୍ପ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ଟା ବେଳେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଜିଲା ଅଗ୍ରଣୀ ମ୍ୟାନେଜର ଏନ୍. ନାଗେଶ୍ୱର ରାଓ, ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ସୂର୍ଯ୍ୟକାନ୍ତ ବେହେରା, ଜିଲା ଦକ୍ଷତା ବିକାଶ ତଥା କର୍ମନିଯୋଜନ ଅଧିକାରୀ ଅନିତା ନାୟକ, ମିଶନ ଶକ୍ତିର ଜିଲା ପ୍ରକଳ୍ପ ସଂଯୋଜକ ଅଭିକ ନାରେନ, ଓରମାସ୍ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ରାଉତ, ଭଦ୍ରକ-ବାଲେଶ୍ୱର କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଜୋନାଲ ମୁଖ୍ୟ ସଞ୍ଜୟ କୁମାର ମହାନ୍ତି, ଧାମନଗର ବିବିସିସି ଶାଖା ପରିଚାଳକ ଧନୁର୍ଦ୍ଧର ସାହୁ, ଭଣ୍ଡାରିପୋଖରୀ ବିବିସିସି ଶାଖା ପରିଚାଳକ ବିଚିତ୍ରାନନ୍ଦ ସାହୁ, ରାଜ୍ୟ କାରିଗରୀ ମହାସଂଘର ସଭାପତି ଉଦୟ ମହାନ୍ତି, ହସ୍ତଶିଳ୍ପ ବିକାଶ ଅଧିକାରୀ ମହେନ୍ଦ୍ର ନାଥ ଗୁଣ୍ଡୁ, ସତ୍ୟରଞ୍ଜନ କର, ଆନନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ହସ୍ତତନ୍ତ, ବୟନ ଶିଳ୍ପ ଓ ହସ୍ତଶିଳ୍ପ ବିଭାଗ, ସରକାରଙ୍କ ସହାୟତାରେ ଜିଲା ହସ୍ତଶିଳ୍ପ ପରିଚାଳନା ତରଫରୁ ଏହି କାର୍ଯ୍ୟକ୍ରମ ହୋଇଥିଲା।

ସ୍ୱୟଂସହାୟିକା ଗୋଷ୍ଠୀ ସଭ୍ୟାମାନଙ୍କ ପାଇଁ ଶିଳ୍ପୀ ଗ୍ରାମ ଯୋଜନାରେ ଦକ୍ଷତା ବିକାଶ ତାଲିମ ପ୍ରଦାନ କରାଯାଇ ଆର୍ଥିକ ବ୍ୟବସ୍ଥାର ଉନ୍ନତୀକରଣ ଓ ଆତ୍ମନିର୍ଭରଶୀଳତା ଉପରେ ବ୍ୟବସ୍ଥା କରାଯାଇଛି। ଯୁବତୀଯୁବକଙ୍କ ବେକାରୀ ସମସ୍ୟା ଦୂରୀକରଣ ଓ ଆତ୍ମନିଯୁକ୍ତି ନିମନ୍ତେ ନିପୁଣ ଶିଳ୍ପୀଙ୍କ ମାଧ୍ୟମରେ ନିପୁଣ ଶିଳ୍ପ ତାଲିମ ପ୍ରଦାନ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପୁରସ୍କାରପ୍ରାପ୍ତ ହସ୍ତଶିଳ୍ପୀମାନଙ୍କ ଦ୍ୱାରା ଗୁରୁଶିଷ୍ୟ ପରମ୍ପରା ତାଲିମ ଏବଂ ରାଜ୍ୟ, ରାଜ୍ୟ ବାହାରେ ସୁନାମଧନ୍ୟ ଡିଜାଇନରମାନଙ୍କ ଦ୍ୱାରା ଉନ୍ନତମାନର ହସ୍ତଶିଳ୍ପ ତାଲିମ ପ୍ରଦାନ ବ୍ୟବସ୍ଥା କରାଯାଇଥିଲା। କାରିଗରମାନଙ୍କୁ ନିଜର ଉତ୍ପାଦନ ୟୁନିଟ ସ୍ଥାପନ ନିମନ୍ତେ ସରକାରଙ୍କ ପକ୍ଷରୁ କର୍ମଶାଳା ଗୃହ ଯୋଗାଣ ଏବଂ ବ୍ୟାଙ୍କ ମାଧ୍ୟମରେ ଶିଳ୍ପୀ ଉନ୍ନତି ଯୋଜନାରେ ଅନୁଦାନଯୁକ୍ତ ଋଣ ଯୋଗାଇ ଦିଆଯାଇ ଆତ୍ମନିଯୁକ୍ତିର ସୁଯୋଗ ସୃଷ୍ଟି କରାଯାଇଥାଏ। କାରିଗରମାନେ ନୂତନ ଜ୍ଞାନ ଆହରଣ ପାଇଁ ରାଜ୍ୟ ଓ ରାଜ୍ୟ ବାହାରକୁ ଯାତ୍ରା କରିବାର ସୁବିଧା ଯୋଗାଇ ଦିଆଯାଇଥାଏ। ବିଭିନ୍ନ କ୍ଲଷ୍ଟରରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ତାଲିମ, ସାମଗ୍ରୀଗୁଡ଼ିକର ବ୍ରାଣ୍ଡ୍ ରେଜିଷ୍ଟ୍ରେଶନ ଓ ଦେଶ ବିଦେଶରେ ବିକ୍ରୟ ନିମନ୍ତେ ସାଧାରଣ ସୁବିଧା କେନ୍ଦ୍ର ପ୍ରତିଷ୍ଠା କରାଯାଇ ସୁବିଧା ଯୋଗାଇ ଦିଆଯାଉଥାଏ ବୋଲି ଅବଗତ କରାଯାଇଥିଲା। ଜିଲା ହସ୍ତଶିଳ୍ପ ବିଭାଗର ସହକାରୀ ନିର୍ଦ୍ଦେଶକ ଅମିୟ କୁମାର ବେହେରା ସଂଯୋଜନା କରିଥିଲେ। ଜିଲା ଓ ଜିଲା ବାହାରୁ ବହୁ ସ୍ୱୟଂସହାୟକ ଗୋଷ୍ଠୀ ଓ କାରିଗରୀ ସଂଘ ଯୋଗ ଦେଇଥିଲେ।

**ପୋଖରୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ**
ଔପଦା, (ଧରିତ୍ରୀ ପଣ୍ଡା)-ବାଲେଶ୍ୱର ଜିଲା ଔପଦା ଥାନା ଅଘିରାପଦା ପଞ୍ଚାୟତ କମାରପାଳ ଗ୍ରାମର ଆଦିବାସୀ ବସ୍ତି ପଇଡ଼ଝର ସାହିର ଜଣେ ୯ବର୍ଷର ଆଦିବାସୀ ବାଳକ ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଔପଦା ପୋଲିସ ଗ୍ରାମବାସୀଙ୍କ ପକ୍ଷରୁ ଉଦ୍ଧାର ମୃତଦେହକୁ ବ୍ୟବଚ୍ଛେଦ ପାଇଁ ସୋର ଡାକ୍ତରଖାନାକୁ ପଠାଇ ଏକ ଅପମୃତ୍ୟୁ ମାମଲା (ନଂ.୩/୨୫) ରୁଜୁ କରିଛି। ରାଜୁ ସିଂଙ୍କ ପୁଅ ଉଦୟ ଗତ ବୁଧବାର ମଧାହ୍ନରେ ଘରୁ ଗାଧେଇବା ପାଇଁ ପୋଖରୀକୁ ଯାଇଥିଲେ। ଉଦୟ ଆଉ ଘରକୁ ଫେରି ନ ଥିବା ବେଳେ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ପାଇ ନ ଥିଲେ।

**ବାଲେଶ୍ୱର**

## ସଂକ୍ଷେପରେ

### ଖଣି ଓ ତହସିଲ ପକ୍ଷରୁ ଚଢ଼ାଉ: ଜେସିବି, ଡମ୍ପର ଜବତ

ସୋର, ୨୭।୩(ଜନ୍ମେଜୟ ମିଶ୍ର)

ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ଖଞ୍ଜାମହାଲ ପଥର ଖାଦାନରେ ଗୁରବାର ଭୋର ସମୟରେ ସୋର ତହସିଲ ଓ ବାଲେଶ୍ୱର ଖଣିବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉ କରାଯାଇ ୨ଟି ଜେସିବି ଓ ଗୋଟିଏ ପଥର ବୋଝେଇ ଡମ୍ପର ଜବତ କରାଯାଇଛି। ବାଲେଶ୍ୱର ଖଣି ବିଭାଗର ଦୁଇଜଣ ଅଧିକାରୀ ଓ ସୋର ତହସିଲଦାର ଶେଖ ସାଗିର, ଅତିରିକ୍ତ ତହସିଲଦାର ଦୈତାରୀ ମଲିକ ସୋର ପୋଲିସ ସହାୟତାରେ ଏହି ଖାଦାନରେ ଚଢ଼ାଉ କରିଥିଲେ। ଏହି ସମୟରେ ମାଣତ୍ରୀ ଛକ ନିକଟରେ ଏକ ପଥର ବୋଝେଇ ଡମ୍ପର(ନଂ. ଓଆର ୦୧ ଏନ ୯୦୯୫)କୁ ଜବତ କରିଥିବା ବେଳେ ଏହାର ଡ୍ରାଇଭର ଫେରାର ହୋଇଯାଇଥିଲେ। ପରେ ଖଞ୍ଜାମହାଲ ପଥର ଖାଦାନରେ ବେଆଇନ ବ୍ଲାଷ୍ଟିଂ ହୋଇଥିବା ଖବରପାଇ ସେଠାରେ ପହଞ୍ଚିବା ପରେ ମାଫିଆମାନେ ଫେରାର ହୋଇଯାଇଥିଲେ। ଫଳରେ ସେଥିରେ ନିୟୋଜିତ ଦୁଇଟି ଜେସିବି ମେଶିନକୁ ଏହି ଟିମ୍ ଜବତ କରିଥିଲେ। ବ୍ଲାଷ୍ଟିଂ ଫଳରେ ପଡିଥିବା ପଥରକୁ ୨୦ ଲକ୍ଷ ଟଙ୍କାରେ ନିଲାମ ଦିଆଯାଇଥିଲା।

### ବିଶ୍ୱ ଉପଭୋକ୍ତା ଅଧିକାର ଦିବସ

ବାଲେଶ୍ୱର, ୨୭।୩(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପ୍ରଶାସନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭରସା ଓ ମେ' ଆଇ ହେଲ୍ପ ୟୁ ମିଳିତ ଆନୁକୂଲ୍ୟରେ ସଦ୍‌ଭାବନା ସଭାଗୃହରେ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ମଙ୍ଗଳବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ ଯୋଗଦେଇ ଉପଭୋକ୍ତାମାନେ ସାମଗ୍ରୀ କିଣିବା ବେଳେ ଏହାର ମାନ, ଓଜନ ଏବଂ ଗୁଣବତ୍ତା ସମ୍ପର୍କରେ ସଚେତନ ହେବା ଆବଶ୍ୟକ ରହିଛି ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ଯୋଗାଣ ଅଧିକାରୀ କଲ୍ୟାଣୀ ମିଶ୍ର, ବୈଧ ମାପ ବିଜ୍ଞାନ ବିଭାଗ ଯୁଗ୍ମ ନିର୍ଦ୍ଦେଶକ ପ୍ରଦୋଷ ହରିଚନ୍ଦନ, ସହକାରୀ ଓଜନ ଓ ମାପ ନିୟନ୍ତ୍ରଣ ଅଧିକାରୀ ସମ୍ବିତ ଦାସ, ଜିଲା ଉପଭୋକ୍ତା ସୁରକ୍ଷା ପରିଷଦ ସଦସ୍ୟ ଲକ୍ଷ୍ମୀନାରାୟଣ ମହାନ୍ତି ପ୍ରମୁଖ ଉପଭୋକ୍ତା ଅଧିକାର ସମ୍ପର୍କରେ ସଚେତନ କରାଇଥିଲେ। ସଭାରେ ଭରସା ଅନୁଷ୍ଠାନର ସମ୍ପାଦକ ଜାଦବେଶ ମିଶ୍ର ସଭାପତିତ୍ୱ କରିଥିଲେ।

# ବାରୁଣୀ ସ୍ନାନ କଲେ ଲକ୍ଷାଧିକ ଶ୍ରଦ୍ଧାଳୁ

ବାଲେଶ୍ୱର(ବାଞ୍ଛାନିଧି ଦେ)/ ଲଙ୍ଗଳେଶ୍ୱର (କମଳାକାନ୍ତ ଦାସ),୨୭।୩

ବାଲେଶ୍ୱର ସଦର ବ୍ଲକ ଅଧୀନ କଷାଫଳ ବାରୁଣୀ ମେଳା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ତଥା ରାଜ୍ୟ ବାହାରୁ ଲକ୍ଷାଧିକ ଶ୍ରଦ୍ଧାଳୁ ଯୋଗଦେଇ ସମୁଦ୍ରରେ ବୁଡ଼ ପକାଇ ପୁଣ୍ୟ ଅର୍ଜନ କରିଛନ୍ତି। ଏହି ମହାବାରୁଣୀ ସ୍ନାନରେ ଲକ୍ଷାଧିକ ଜନସାଧାରଣଙ୍କ ସମାଗମ ହୋଇଥିଲା। ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ସ୍ନାନ ପରେ ବେଳାଭୂମିରେ ପିଣ୍ଡ ପକାଇବା ଲାଗି ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ବେଳାଭୂମିରେ ଅବସ୍ଥିତ ଶ୍ରୀ ଜଗନ୍ନାଥ ଓ ସାରଙ୍ଗଦେବଙ୍କ ମନ୍ଦିରରେ ପୂଜାର୍ଚ୍ଚନା ହୋଇଥିଲା। ବିଭିନ୍ନ ଅଞ୍ଚଳରୁ ଆସିଥିବା ଉଠା ଦୋକାନୀ ବେଳାଭୂମିରେ ପସରା ମେଲିଥିଲେ। ମହିଳାମାନେ ଖେଳଣା, ବିଞ୍ଚଣା, ଚଣା ଉଖୁଡ଼ା, ମଶିଣା, ପାଛିଆ, ଚଲାଚାଲୁଣି ଆଦି ଘରକରଣା ସାମଗ୍ରୀ କିଣୁଥିବା ପରିଲକ୍ଷିତ ହୋଇଥିଲା। ପ୍ରବଳ ଖରା ଓ ଗରମ ଯୋଗୁ ଦହିବରା, ଲସି, ଆଇସକ୍ରିମ ଓ ଥଣ୍ଡା ପାନୀୟ ଦୋକାନୀଙ୍କ ବେପାର ବେଶ୍ ଜମିଥିଲା। ପଞ୍ଚାୟତ କର୍ତ୍ତୃପକ୍ଷ ଓ ମେଳା କମିଟି ପକ୍ଷରୁ ପାନୀୟଜଳ ବ୍ୟବସ୍ଥା ହୋଇଥିଲା। ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ଶାନ୍ତିଶୃଙ୍ଖଳା ପାଇଁ ଏସ୍‌ପି ରାଜପ୍ରସାଦଙ୍କ ନିର୍ଦ୍ଦେଶକ୍ରମେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓଙ୍କ ତତ୍ତ୍ୱାବଧାନରେ ସିଂଲା, ରୂପସା ଓ ବସ୍ତା ଥାନା ପକ୍ଷରୁ ବ୍ୟାପକ ପୋଲିସ ବାହିନୀ ମୁତୟନ କରାଯାଇଥିଲା। କଷାଫଳ ସରପଞ୍ଚଙ୍କ ପ୍ରତିନିଧି ମୁକୁନ୍ଦ ଆଦେକ, ସମିତିସଭ୍ୟ ପ୍ରିୟରଞ୍ଜନ ପୃଷ୍ଟିଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ଶ୍ରଦ୍ଧାଳୁ ସେବା କାର୍ଯ୍ୟରେ ନିୟୋଜିତ ହୋଇଥିଲେ।


କଷାଫଳ ବାରୁଣୀ ମେଳାରେ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଛନ୍ତି।

# ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼

ବାଲିଆପାଳ(ଗୋପାଳ ଚନ୍ଦ୍ର ସାହୁ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୭।୩

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅଧୀନ ତରରା, ଚଉମୁଖ, ଚାନ୍ଦମଣି ଓ ଯମୁନାଙ୍ଗୁ ସମୁଦ୍ର ବେଳାଭୂମିରେ ଗୁରୁବାର ଅନୁଷ୍ଠିତ ବାରୁଣୀ ସ୍ନାନ ମେଳାରେ ଲକ୍ଷାଧିକ ଶ୍ରଦ୍ଧାଳୁ ସମୁଦ୍ରରେ ସ୍ନାନ କରିଛନ୍ତି। ଚଳିତବର୍ଷ ଗୁରୁବାର ବାରୁଣୀ ସ୍ନାନ ପଡ଼ିଥିବାରୁ ମେଳାରେ ଗହଳି ଦେଖିବାକୁ ମିଳିଥିଲା। ଗୁରୁବାର ମହୋଦଧିରେ ବାରୁଣୀ ସ୍ନାନକଲେ କୋଟି ପୁଣ୍ୟ ମିଳିଥାଏ ବୋଲି ବିଶ୍ୱାସ ରହିଛି। ଗୁରୁବାର ଭୋରରୁ ଲୋକେ ଭିନ୍ନ ବେଳାଭୂମିରେ ପହଞ୍ଚି ସମୁଦ୍ରରେ ସ୍ନାନ କରିବା ସହିତ ସକାଳ ସୂର୍ଯ୍ୟୋଦୟର ମନୋରମ ଦୃଶ୍ୟ ଉପଭୋଗ କରିଥିଲେ। ସ୍ନାନ ପରେ ଅନେକ ଶ୍ରଦ୍ଧାଳୁ ସୂର୍ଯ୍ୟପୂଜା ସହିତ ଦାନପୁଣ୍ୟ କରୁଥିବା ଦେଖିବାକୁ ମିଳିଥିଲା। ଏହି ଅବସରରେ ସମୁଦ୍ରକୂଳରେ ଲାଗିଥିବା ମେଳାରେ ଘରକରଣା ଜିନିଷଠାରୁ ଆରମ୍ଭ କରି ଅନେକ ପ୍ରକାର ଖାଦ୍ୟ ସାମଗ୍ରୀର ପସରା ପଡ଼ିଥିଲା। ଭିଡ଼କୁ ଦେଖି ବିଭିନ୍ନ ଛକରେ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଜଳଛତ୍ର ଖୋଲିବା ସହିତ ରାସ୍ତାରେ ଭିଡ଼ ନ କରିବା ପାଇଁ ଲୋକମାନଙ୍କୁ ସଚେତନ କରିଥିଲେ। ଖୁବ୍ ଜୋରରେ ଖରା ହୋଇଥିଲେ ମଧ୍ୟ ଗରମକୁ ଖାତିର ନ କରି ଟାଇଁ ଟାଇଁ ଖରାରେ ଅପରାହ୍ନ ପର୍ଯ୍ୟନ୍ତ ମେଳାରେ ଲୋକଙ୍କ ଭିଡ଼ ଲାଗି ରହିଥିଲା। ମେଳା କମିଟି ସଦସ୍ୟମାନେ ବାରୁଣୀ ଯାତ୍ରା ପରିଚାଳନା ଦାୟିତ୍ୱ ତୁଲାଇଥିଲେ। ସ୍ନାନ ସମୟରେ କୌଣସି ପ୍ରକାର ଅଘଟଣ ନ ଘଟିବା, ମେଳା ଏବଂ ରାସ୍ତାରେ ଯା'ଆସ ବ୍ୟବସ୍ଥା ଶାନ୍ତିଶୃଙ୍ଖଳାରେ ପରିଚାଳନା କରିବା ପାଇଁ ବାଲିଆପାଳ ଥାନା ଆଇଆଇସି ଗୋବିନ୍ଦ ଚନ୍ଦ୍ର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜାମକୁଣ୍ଡା ଫାଣ୍ଡି ଅଧିକାରୀ ସୂର୍ଯ୍ୟନାରାୟଣ ନାୟକଙ୍କ ପରିଚାଳନାରେ ପୋଲିସ ଫୋର୍ସ ସମସ୍ତ ସ୍ଥାନରେ ସଜାଗ ରହିଥିଲେ।


ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା କରୁଛନ୍ତି।

# ରୂପଖଣ୍ଡ ପାଣ୍ଡବଘାଟ ବାରୁଣୀ ସ୍ନାନଯାତ୍ରା

ବାହାନଗା, ୨୭।୩(ଅରୂପ୍ କୁମାର ଦାସ)

ବାଲେଶ୍ୱର ଜିଲାର ପ୍ରମୁଖ ବାରୁଣୀ ଯାତ୍ରା ବାହାନଗା ବ୍ଲକ ରୂପଖଣ୍ଡ ପଞ୍ଚୁପାଣ୍ଡବ ଘାଟ ବାରୁଣୀ ଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଯାତ୍ରା ଦୁଇଦିନ ଧରି ଚାଲିବ । ଜିଲା ସମେତ ପଶ୍ଚିମବଙ୍ଗ ସୀମାନ୍ତ ଅଞ୍ଚଳ ଓ ଭଦ୍ରକ ଜିଲାରୁ ମଧ ଏହି ରୂପଖଣ୍ଡ ପାଣ୍ଡବଘାଟ ବାରୁଣୀ ଯାତ୍ରାକୁ ଶ୍ରଦ୍ଧାଳୁମାନେ ପିଣ୍ଡଦାନ କରିବା ପାଇଁ ଆସିଥିଲେ। ଏହି ଅବସରରେ ବାରୁଣୀ ଯାତ୍ରା ନିକଟରେ ପଞ୍ଚୁପାଣ୍ଡବ ୫ଭାଇଙ୍କ ମନ୍ଦିର କରାଯାଇ ପୂଜା କରାଯିବା ସହିତ ମନ୍ଦିର ସାମ୍ନାରେ ବିଶ୍ୱଶାନ୍ତି ନିମନ୍ତେ ଯଜ୍ଞ କରାଯାଉଛି । ଚଳିତବର୍ଷ ଯଜ୍ଞ ୧୦ ଜଣ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପାଦନ ହୋଇଛି । ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ଗୋପାଳପୁର ଥାନା ପୋଲିସ୍ ସମେତ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା । ଶ୍ରଦ୍ଧାଳୁମାନେ ଭୋର ୪ଟାରୁ ପାଣ୍ଡବ ଘାଟ ବାରୁଣୀ ଯାତ୍ରା ସ୍ଥଳରେ ପହଞ୍ଚି ସମୁଦ୍ର ମହୋଦଧିରେ ବୁଡ ପକାଇ ସମୁଦ୍ର ବାଲିରେ ବ୍ରାହ୍ମଣମାନଙ୍କ ଦ୍ୱାରା ପିତୃପୁରୁଷମାନଙ୍କୁ ପିଣ୍ଡଦାନ କରିଥିଲେ। ବିଭିନ୍ନ ଅଞ୍ଚଳରୁ କିଛି ଦୋକାନୀମାନେ ଚଣାଉଖୁଡା ଧରି ବେପାର କରିବା ପାଇଁ ଏହି ବାରୁଣୀ ଯାତ୍ରାରେ ପହଞ୍ଚଥାନ୍ତି। ବାରୁଣୀଯାତ୍ରାକୁ ଆସିଥିବା ଲୋକଟି ଘରକୁ ଫେରିବା ବେଳେ ନିଶ୍ଚିତ ଚଣାଉଖୁଡା କିଣି ନେଇଥାଏ। ବାରୁଣୀଯାତ୍ରା ବାବଦରେ ବାରୁଣୀ କମିଟି ସମ୍ପାଦକ କାଳେନ୍ଦ୍ର ଚରଣ ମହାପାତ୍ର କହନ୍ତି ଏହି ବାରୁଣୀ ମେଳା ଦ୍ୱାପର ଯୁଗରୁ ପ୍ରଚଳିତ ହୋଇଆସୁଛି। ଗତ ଦୁଇବର୍ଷଠାରୁ ଚଳିତବର୍ଷ ୨ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଯୋଗ ଦେଇଛନ୍ତି। ସୁରକ୍ଷା ନିମନ୍ତେ ପୋଲିସ୍ ମୁତୟନ ହୋଇଥିବା ବେଳେ କମିଟି ପକ୍ଷରୁ ଶହେ ସ୍ୱେଚ୍ଛାସେବୀ ନିୟୋଜିତ କରାଯାଇଛି। କମିଟି ସଭାପତି ଦେବେନ୍ଦ୍ର ତ୍ରିପାଠୀ କହିଛନ୍ତି, ଆମେ ଏଥର ଆଶା କରି ନ ଥିଲୁ ଏତେ ଶ୍ରଦ୍ଧାଳୁ ହେବେ ବୋଲି, ତେବେ ସେମାନଙ୍କ ସୁରକ୍ଷା ନିମନ୍ତେ ଆମେ ସ୍ୱେଚ୍ଛାସେବୀ ନିୟୋଜିତ କରିଥିବା ବେଳେ ସ୍ୱାସ୍ଥ୍ୟ ବିଭାଗ ଓ ପୋଲିସ୍ ବିଭାଗ ଦ୍ୱାରା ସହାୟତା କରାଯାଇଛି।


ଶ୍ରଦ୍ଧାଳୁମାନେ ପିତୃପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରୁଛନ୍ତି।

# ଭାଜପା କର୍ମୀଙ୍କ ଅକାଳ ବିୟୋଗ

ନୀଳଗିରି, ୨୭।୩(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ସଜନାଗଡ଼ ପଞ୍ଚାୟତ ଡେଣ୍ଡା ଗ୍ରାମର ଶୁକୁରା ସିଂ (୫୦)ଙ୍କ ବୁଧବାର ଡେଣ୍ଡାସ୍ଥିତ ବାସଭବନରେ ରାତି ପ୍ରାୟ ସାଢେ ୮ଟା ବେଳେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ ଓ ଏକମାତ୍ର ପୁତ୍ର ଉପସ୍ଥିତ ଥିଲେ। ସେ ଗତ ଦୁଇବର୍ଷ ଧରି ହୃଦ୍ ଓ ମୁତ୍ରାଶୟ ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସିତ ହେଉଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ସ୍ଥାନୀୟ ସରପଞ୍ଚ ପ୍ରଦୀପ ଖାଲପାଳିଆ, ସମିତିସଭ୍ୟା ଶାନ୍ତି ସିଂ, ୱାର୍ଡସଭ୍ୟ କାଳୀଚରଣ ସିଂ, ସୁଜିତ ରଣାସିଆ, ରଶ୍ମିତା ଖଣ୍ଡେଇ, ୱାର୍ଡସଭ୍ୟ ସନାତନ ସିଂ, ସାମାଜିକ କର୍ମୀ ବିଜୟ ବେହେରା, ଅଜୟ ରାଉତ, ସନା ସିଂ, ସନିଆ ସିଂ ଓ ମଣ୍ଟୁ ସିଂ ପ୍ରମୁଖ ଉପସ୍ଥିତ ରହି ଆର୍ଥିକ ସହାୟତା ପ୍ରଦାନ କରିଥିବା ବେଳେ ଅନ୍ତେଷ୍ଟିକ୍ରିୟା ପାଇଁ ସରକାରୀ ସହାୟତା ଖୁବ୍‌ଶୀଘ୍ର ପ୍ରଦାନ କରାଯିବ ବୋଲି ସରପଞ୍ଚ ପ୍ରତିଶ୍ରୁତି ଦେଇଥିଲେ। ଶୁକୁରା ବହୁଦିନ ଧରି ନୀଳଗିରି ଭାଜପା ଦଳରେ ଜଣେ ଆଗଧାଡ଼ିର ସକ୍ରିୟ କର୍ମୀ ଓ ସଙ୍ଗଠକ ଥିଲେ।

# ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଯାପିତ

ଖଇରା, ୨୭।୩(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀସ୍ଥିତ ଡ ହରେକୃଷ୍ଣ ମହତାବ ଡିଗ୍ରୀ ମହାବିଦ୍ୟାଳୟରେ ୮ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ମହାବିଦ୍ୟାଳୟ ଅଧକ୍ଷ ଗଗନ ବିହାରୀ ରାଉତ ପୌରୋହିତ୍ୟ କରିବା ଅବସରରେ ଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇ ଏହି କୌଶଳକୁ ଉପଯୁକ୍ତ ସମୟରେ ବିନିଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏହି ତାଲିମ କାର୍ଯ୍ୟକ୍ରମ ଭବିଷ୍ୟତ ପାଇଁ ରକ୍ଷାକବଚ ପାଲଟିବ ବୋଲି ଉଲ୍ଲେଖ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରିଣୀ ଅଧାପିକା ମାଳତୀଲତା ହାତୀ ସୁଚାରୁ ରୂପେ ସମ୍ପାଦନ କରିବା ସହିତ ପ୍ରଶିକ୍ଷିକା ମନୋରମା ରାଉତ, ଅଧାପିକା କବିତା ବଳବନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ତାଲିମପ୍ରାପ୍ତ ୧୪୬ଛାତ୍ରୀଙ୍କୁ ତିନୋଟି ଗ୍ରୁପରେ ପ୍ରମାଣପତ୍ର ବିତରଣ କରାଯାଇଥିଲା।

# ଜନବସତି ଅଞ୍ଚଳରେ ପନିର ଫ୍ୟାକ୍ଟ୍ରିକୁ ବିରୋଧ

ଜଳେଶ୍ୱର, ୨୭।୩(ନବୀନ ସାହୁ)

## ଜିଲାପାଳଙ୍କୁ ଅଭିଯୋଗପତ୍ର

ଜଳେଶ୍ୱର ମ୍ୟୁନିସିପାଲିଟିର ୧୪ନଂ. ୱାର୍ଡ ଚୂଡାମଣିପୁରର ଜନବସତି ସ୍ଥାନରେ ଥିବା ଶିବଶକ୍ତି ମିଲ୍କ ଆଣ୍ଡ ଫୁଡ ପ୍ରଡକ୍ଟ ଫ୍ୟାକ୍ଟ୍ରିକୁ କେତେକ ଗ୍ରାମବାସୀ ବିରୋଧ କରିଆସୁଛନ୍ତି। ଫ୍ୟାକ୍ଟ୍ରିରୁ ବିଷାକ୍ତ ଧୂଆଁ ଓ ପଚା ଦୁର୍ଗନ୍ଧ ପାଣି ବାହାରୁଥିବାରୁ ନିକଟସ୍ଥ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ସମ୍ପର୍କରେ ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ପଲ୍ୟୁଶନ ବୋର୍ଡ କେବଳ କାରଣ ଦର୍ଶାଅ ନୋଟିସ୍ ଦେଇ ଚୁପ୍ ବସିଥିବାରୁ ସୋମବାର ବ୍ଲକ କାର୍ଯ୍ୟାଳୟରେ ଜିଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ କରାଯାଇଛି। ଏପରିକି ବେଳେ ବେଳେ ଫ୍ୟାକ୍ଟ୍ରିରେ ନିଆଁ ଲାଗୁଥିବାରୁ ନିକଟରେ ବସବାସ କରୁଥିବା ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହୁଛନ୍ତି। ଏପରିକି ଫ୍ୟାକ୍ଟ୍ରିରୁ ବାହାରୁଥିବା ବିଷାକ୍ତ ପାଣି ଚାଷଜମିକୁ ପ୍ରଭାବିତ କରୁଥିବାରୁ ଉକ୍ତ ଫ୍ୟାକ୍ଟ୍ରିକୁ ବନ୍ଦ କରିବାକୁ ଗ୍ରାମର ବରେନ୍ଦ୍ର ପରିଡା, ନବୀନ ପରିଡା, ରଜନୀକାନ୍ତ ପରିଡା, ଧୀରେନ୍ଦ୍ର ପରିଡା, ରାଧାଶ୍ୟାମ ପରିଡା, ପୂର୍ଣ୍ଣଚନ୍ଦ୍ର ପରିଡା, ରାମଚନ୍ଦ୍ର ରାୟ, ଜନାର୍ଦ୍ଦନ ଗିରି ଓ ମଞ୍ଜୁ ଦାସ ପ୍ରମୁଖ ବହୁ ଗ୍ରାମବାସୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ଅନ୍ୟଥା ଗ୍ରାମବାସୀ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# 'ହାରଜିତ୍‌ର ଫରକ ନ ରଖି ଉଦ୍ୟମ ଜାରି ରଖିବା ଆବଶ୍ୟକ'



ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥି।

ଖଇରା, ୨୭।୮(ଉତ୍କଳବନ୍ଧୁ ପଣ୍ଡା)

## ତୁଡିଗଡିଆ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ତୁଡିଗଡିଆସ୍ଥିତ ପ୍ରାରମ୍ଭିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠାନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷ ରଘୁନାଥ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧକ୍ଷ ଜୟଶ୍ରୀ ବୋଷ ମୁଖ୍ୟଅତିଥି, କୋରାପୁଟ କୋଟପାଡ ହାଇସ୍କୁଲ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଜୟହରି ଘୋଷ ମୁଖ୍ୟବକ୍ତା, ଶ୍ରୀଜଙ୍ଗ ଦାଶମହାପାତ୍ର ଉଚ୍ଚ ବିଦ୍ୟାପୀଠର ପ୍ରାକ୍ତନ ପ୍ରଧାନଶିକ୍ଷକ ରାଧାକାନ୍ତ ପଣ୍ଡା, ରଟିଣା ପିପି ହାଇସ୍କୁଲ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ପାତ୍ର, ଖଣିଆ ଉଚ୍ଚ ବିଦ୍ୟାପୀଠର ପ୍ରଧାନଶିକ୍ଷକ ଗଗନ ଚନ୍ଦ୍ର ଧର ଓ ତୁଡିଗଡିଆ ଶିକ୍ଷାଶିକ୍ଷକ ପ୍ରତିଷ୍ଠାନର ପ୍ରାକ୍ତନ ଶିକ୍ଷକ ଦାମୋଦର ପାଢୀ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ହାରଜିତ୍‌ର ଫରକ ନ ରଖି ଉଦ୍ୟମ ଜାରି ରଖିଲେ ଏହା ଭବିଷ୍ୟତ ପାଇଁ ହିତକାରକ ହେବ ବୋଲି କହିଥିଲେ। ପତ୍ରିକା 'ପ୍ରାଚୀର' ଅତିଥିଙ୍କ ଦ୍ୱାରା ଉନ୍ମୋଚନ ଓ ଶିକ୍ଷୟିତ୍ରୀ ବୁରୁଲୁକି ସୋରେନଙ୍କ ଦ୍ୱାରା ବିବରଣୀ ପାଠ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ ପରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଲୋକସଭାରେ କେନ୍ଦୁଝର ପର୍ଯ୍ୟଟନ ପ୍ରସଙ୍ଗ ଉଠାଇଲେ ଏମ୍‌ପି

କେନ୍ଦୁଝର,୨୭।୩
(ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ବୁଧବାର ଲୋକସଭାର ଶୂନ୍ୟକାଳରେ କେନ୍ଦୁଝର ଜିଲାରେ ପର୍ଯ୍ୟଟନର ଉନ୍ନତି ଓ ଭିତ୍ତିଭୂମି ଆବଶ୍ୟକତା ପ୍ରସଙ୍ଗକୁ ଉଠାଇଛନ୍ତି। ଜିଲାରେ ପ୍ରାକୃତିକ, ସାଂସ୍କୃତିକ, ଧାର୍ମିକ, ଐତିହ୍ୟ ସମ୍ପନ୍ନସ୍ଥଳ ଥିବା ସତ୍ତ୍ୱେ ଏଠାରେ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହୋଇପାରିନାହିଁ। ପର୍ଯ୍ୟଟନସ୍ଥଳଗୁଡ଼ିକ ପାଇଁ ଆବଶ୍ୟକୀୟ ଭିତ୍ତିଭୂମି, ଉଚିତ ପ୍ରଚାର ପ୍ରସାର କରାଗଲେ କେନ୍ଦୁଝର ସମେତ ଓଡ଼ିଶାର ଅର୍ଥନୀତିକୁ ଶକ୍ତିଶାଳି କରିପାରିବ ବୋଲି କହିଥିଲେ।

ଏମ୍‌ପି ନାୟକ କହିଛନ୍ତି, ଜିଲାରେ ୨୨ ପ୍ରାକୃତିକ ପର୍ଯ୍ୟଟନସ୍ଥଳ ରହିଛି। ଧାର୍ମିକସ୍ଥଳ ମଧ୍ୟରେ ମା' ତାରିଣୀ ମନ୍ଦିର ରହିଥିବା ବେଳେ ଐତିହାସିକସ୍ଥଳ ସୀତାବିଞ୍ଝି, ଭୀମକୁଣ୍ଡ ରାମାୟଣ ଓ ମହାଭାରତ ସହ ସମ୍ବନ୍ଧିତ। ପ୍ରାଚୀନ ମନ୍ଦିର କୁଶଳେଶ୍ୱର ମହାଦେବ, ବାରାଟିପରା ମହାଦେବ, ମୁର୍ଗା ମହାଦେବ, ଚକ୍ରତୀର୍ଥ, ବୈତରଣୀ ଉତ୍ପତ୍ତିସ୍ଥଳ ଗୋନାସିକାର ବିକାଶ ଆବଶ୍ୟକ ଥିବା କହିଥିଲେ। ଅନ୍ୟପକ୍ଷେ ସାନଘାଗରା, ଗୁଣ୍ଡିଚାଘାଗି, ହାଣ୍ଡିଭଙ୍ଗା, ବଡ଼ ଘାଗରା, ଖଣ୍ଡାଧାର ଜଳପ୍ରପାତ ଏବଂ କେଶରୀ କୁଣ୍ଡ, ତେନ୍ତେଇନାଳି, ଗିରିଡିହ ବନ୍ଧ, କାଇଁଝର, କାଇଜୋଡା, ଦରଗଡସିଳା, ଡାବରଚୁଆ, ସଂଗଡହଡ଼ା ପିକ୍‌ନିକ୍ ସ୍ଥଳଗୁଡ଼ିକରେ ପରିବହନ, ରହଣି, ଇଣ୍ଟରନେଟ ଭଳି ଭିତ୍ତିଭୂମି ବିକାଶ କରିବାକୁ କହିଛନ୍ତି। ଏ ଦିଗରେ ବଜେଟ ଆବଣ୍ଟନ ପାଇଁ ମଧ ଦାବି କରିଛନ୍ତି।

## ପୋଲିସକୁ ମାଡ଼ ଘଟଣା: ୬ କୋର୍ଟଚାଲାଣ

ଛେନାପଦି, ୨୭।୩(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ନନ୍ଦିପଦା ଥାନା ବାଲିପଦା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ବାଲି ଚାଲାଣ ରୋକିବାକୁ ଯାଇଥିବା ପୋଲିସକୁ ଆକ୍ରମଣ ହୋଇଥିଲା। ଘଟଣାରେ କନଷ୍ଟେବଲ୍ ଅମୀୟ ବେହେରା ଓ ପୃଥିବୀ ଜେନା ଗୁରୁତର ହୋଇଥିଲେ। ଘଟଣାରେ ପୋଲିସ ୬ ଜଣଙ୍କୁ ଗିରଫ କରିଛି। ଅଭିଯୁକ୍ତମାନେ ହେଲେ ମୁଖ୍ୟ ଅଭିଯୁକ୍ତ ବୁଦ୍ଧିରାମ ମାଝୀ, ଟ୍ରାକ୍ଟର ମାଲିକ ସୁଶାନ୍ତ ଦାସ, ସହଯୋଗୀ ଶ୍ରୀକାନ୍ତ ତରେଇ, ନିରାକାର ବେହେରା, ରାଜେଶ ମାଝୀ, ବଳରାମ ତରେଇ। ଗୁରୁବାର ସନ୍ଧ୍ୟା ଅଭିଯୁକ୍ତଙ୍କୁ ହାଟଡ଼ିହୀ ଜେଏମ୍‌ଏଫ୍‌ସି କୋର୍ଟରେ ହାଜର କରାଯାଇଥିଲା। ମାତ୍ର ସେମାନଙ୍କ ଜାମିନି ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଆନନ୍ଦପୁର ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ସ୍ପେଶାଲ ସ୍କ୍ୱାଡ ଗାଡ଼ି ଦୁର୍ଘଟଣା ଗ୍ରସ୍ତ, ୩ ଗୁରୁତର

ଛେନାପଦି, ୨୭।୩(ନିରାକାର ପରିଡ଼ା)

କେନ୍ଦୁଝର ପୋଲିସର ସ୍ପେଶାଲ ସ୍କ୍ୱାଡ ଏକ ଗଞ୍ଜେଇ ଚୋରାଚାଲାଣ ଘଟଣାର ତଦନ୍ତ ପାଇଁ ନନ୍ଦିପଦା ଥାନା ଅଞ୍ଚଳକୁ ଆସି ଫେରିବା ବାଟରେ ଚାରିନାଳିଆ ନିକଟରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଦୁର୍ଘଟଣାରେ ୨ ପୋଲିସ କର୍ମଚାରୀ ଓ ଜଣେ ଅଭିଯୁକ୍ତ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରାଯାଇ ପ୍ରଥମେ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଓ ପରେ କଟକ ସ୍ଥାନାନ୍ତର କରାଯାଇଛି। ଅତିରିକ୍ତ ଏସ୍‌ପି ମନୋଜ ରାଉତ, ଏସ୍‌ଡିପିଓ ପ୍ରଶାନ୍ତ ବେହେରା ପ୍ରମୁଖ ଉପସ୍ଥିତ ରହି ଗୁରୁତରଙ୍କ ଚିକିତ୍ସା ବ୍ୟବସ୍ଥା ତଦାରଖ କରିଥିଲେ।

ସୂଚନା ଅନୁଯାୟୀ, କେନ୍ଦୁଝର ପୋଲିସ ଜୁଡ଼ିଆ ଘାଟି ନିକଟରେ ୬ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଧରିଥିଲା। ଅଭିଯୁକ୍ତମାନେ ନନ୍ଦିପଦା ଥାନା ଅଞ୍ଚଳର ହୋଇଥିବା ବେଳେ ସେମାନଙ୍କ ନିକଟରୁ ମିଳିଥିବା ତଥ୍ୟ ଆଧାରରେ କେନ୍ଦୁଝରର ସ୍ୱତନ୍ତ୍ର ସ୍କ୍ୱାଡ ନନ୍ଦିପଦା ଥାନା ଇଶଲା ଗ୍ରାମର ଅନୁରାଗ ଶଙ୍ଖୁଆଙ୍କୁ ଗିରଫ କରି କେନ୍ଦୁଝର ଯାଉଥିଲେ। ଚାରିନାଳିଆ ନିକଟରେ ଅଭିଯୁକ୍ତ ଜଣକ ଗାଡିରୁ ଖସିଯିବାକୁ ଉଦ୍ୟମ କରିବାରୁ ଗାଡିଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପୋଲିସ କର୍ମଚାରୀ ଓମ ପ୍ରକାଶ ମହାପାତ୍ର, ଶିବ ଖିଲାର ଗୁରୁତର ହୋଇଥିଲେ। ଅଭିଯୁକ୍ତ ଅନୁରାଗ ମଧ୍ୟ ଗୁରୁତର ହୋଇଛନ୍ତି। ଅନ୍ୟପକ୍ଷେ ପୋଲିସ ଅନୁରାଗଙ୍କ ଘରୁ ୩ଟି ଗାଡ଼ି ଜବଦ କରିଥିଲା। ଅନୁରାଗକୁ ଧରି ଆସୁଥିବା ଗାଡିଟି ଚଳାଇବାକୁ କେହି ଚାଳକ ନ ଥିବାରୁ ଅନୁରାଗ ନିଜେ ଗାଡ଼ି ଚଳାଉଥିଲେ ବୋଲି କୁହାଯାଉଛି। ସେ ନିଛାଟିଆ ସ୍ଥାନ ଦେଖି ଗାଡିକୁ ଜାଣିଶୁଣି ଦୁର୍ଘଟଣାଗ୍ରସ୍ତ କରାଇ ଖସିଯିବାକୁ ଚେଷ୍ଟା କରୁଥିଲେ। ତାର ଗୋଟିଏ ଗୋଡ଼ ଓ ହାତ ଭାଙ୍ଗିଯାଇଥିବାରୁ ସଫଳ ହୋଇପାରି ନ ଥିବା ଚର୍ଚ୍ଚା ହେଉଛି।

# ପଞ୍ଚରାତ୍ର ନାମଯଜ୍ଞ ମହୋତ୍ସବ

ଝାରପୋଖରିଆ, ୨୭।୩ (ସୁଧିର କୁମାର ମହାନ୍ତ)

ସାରସକଣା ବ୍ଲକ ଅଧୀନ ଝାରପୋଖରିଆ ପଞ୍ଚାୟତର ପଡ଼ାସିଆସ୍ଥିତ ବାଲିଆସାହି ଛକଠାରେ ସୀମାନ୍ତ ୟୁଥ୍ ମିଶନ ଓ ପଞ୍ଚରାତ୍ର ମହୋତ୍ସବ କମିଟିର ପକ୍ଷରୁ ନବମ ବାର୍ଷିକ ପଞ୍ଚରାତ୍ର ନାମଯଜ୍ଞ ମହୋତ୍ସବ ଗୁରୁବାର ପୂର୍ବାହ୍ନ ୧୦ଟା୪୫ମି. ସମୟରେ ଆରମ୍ଭ ହୋଇଛି। ଏହା ଆସନ୍ତା ଏପ୍ରିଲ ୧ ତାରିଖରେ ଉଦ୍‌ଯାପିତ ହେବ ବୋଲି ମହୋତ୍ସବ କମିଟିର କର୍ମକର୍ତ୍ତା ସୂଚନା ଦେଇଛନ୍ତି। ବୁଧବାର ଅପରାହ୍ନ ୪ଟା ୩୦ମି. ସମୟରେ ବ୍ରାହ୍ମଣ ନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଗ୍ରାମର ବଂଶୀଧର ରଣା, ଅଶୋକ ରଣା ଓ କୁଳମଣୀ ମହାନ୍ତଙ୍କ ସଂକଳ୍ପରେ ଯଜ୍ଞ ମଣ୍ଡପରେ ହୋମାଗ୍ନି, ପୂଜାପାଠ ସହିତ ଭୂମି ପୂଜନ କରାଯାଇଥିଲା। ସନ୍ଧ୍ୟା ୬ଟା ସମୟରେ ଯଜ୍ଞ ମଣ୍ଡପ ଉପକଣ୍ଠ ଗହଳାମୁଣ୍ଡା ତାଳ ପୋଖରୀରୁ ମହିଳା ପୁରୁଷମାନଙ୍କୁ ନେଇ ବୈଷ୍ଣବ ଅରବିନ୍ଦ ଦାସଙ୍କ ଦ୍ୱାରା ୫୧ ଘଟ ଉତ୍ତୋଳନ କରାଯାଇ ଗହଳାମୁଣ୍ଡା, ପଡାସିଆ ଗ୍ରାମ ପରିକ୍ରମା ମାଧ୍ୟମରେ ସଂକୀର୍ତ୍ତନ ଢୋଲ ମହୁରୀ ବାଦ୍ୟ ସହ ଯଜ୍ଞ ମଣ୍ଡପକୁ ଅଣାଯାଇ ସ୍ଥାପନା କରାଯାଇଥିଲା। ରାଧାକୃଷ୍ଣଙ୍କ ଯୁଗଳ ଚଳନ୍ତି ପ୍ରତିମାକୁ ଯଜ୍ଞବେଦୀରେ ସ୍ଥାପନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଉକ୍ତ ନାମଯଜ୍ଞରେ ଆଖପାଖ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଗ୍ରାମର ଜନସାଧାରଣ ସହଯୋଗ କରୁଛନ୍ତି।


ମହିଳାମାନେ କଳସ ଶୋଭାଯାତ୍ରାରେ ଯାଉଛନ୍ତି।

# ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର

ବାଙ୍ଗିରିପୋଷି, ୨୭।୩(ସଞ୍ଜୟ ଅଗ୍ରୱାଲା)

ବାଙ୍ଗିରିପୋଷିଦସ୍ଥିତ ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ଅଧାପିକା ମମତାରାଣୀ ମିଶ୍ରଙ୍କ ସଭାପତିତ୍ୱରେ ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଅଧକ୍ଷା ଡ. ପୁଷ୍ପା ପାତ୍ର ଯୋଗଦେଇ ଛାତ୍ରୀମାନେ ନିଜକୁ କିପରି ସୁରକ୍ଷିତ ରଖିପାରିବେ ସେ ବିଷୟରେ ଅବଗତ କରାଇଥିଲେ। ଏହି ଶିବିରରେ ୧୪୧ ଜଣ ଛାତ୍ରୀ ମାଷ୍ଟର ଟ୍ରେନର ମାଳତୀ ନାଏକଙ୍କ ଠାରୁ ପ୍ରଶିକ୍ଷଣ ନେଇଥିଲେ। ଅଧାପିକା ହିରଣ୍ମୟୀ ପ୍ରଧାନ, ସୁଚିସ୍ମିତା ସାହୁ, କିରଣ ପାଠକ୍, ରୀତା ମୁର୍ମୁ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଆତ୍ମସୁରକ୍ଷା ପରିଷଦର ଅନ୍ୟତମ ସଦସ୍ୟା ଅଧାପିକା ରୀତା ମୁର୍ମୁ ଧନ୍ୟବାଦ ଦେଇଥିଲେ।

# ଜିଲାସ୍ତରୀୟ ନିଯୁକ୍ତି ମେଳା

ଗୋପବନ୍ଧୁ ନଗର, ୨୭।୩(ଶାନ୍ତନୁ ମନ୍ତୁଆଳ)

ମୟୂରଭଞ୍ଜ ଜିଲା ପ୍ରଶାସନ ଓ ଜିଲା ଦକ୍ଷତା ବିକାଶ ନିୟୋଜନ ସଂସ୍ଥା ଆନୁକୂଲ୍ୟରେ ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଯାଇଛି। ଉଦଳା ବିଧାୟକ ଭାସ୍କର ମଢ଼େଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ଗୋପବନ୍ଧୁ ନଗର ବିଡ଼ିଓ ପୃଥିରାଜ ପରିଡା, ଖୁଣ୍ଟା ବିଡିଓ ସତ୍ୟଜିତ ରାଉତ, ଖୁଣ୍ଟା ତହସିଲଦାର ଶିବାନୀ ଭଞ୍ଜଦେଓ, ଜିଲା ଦକ୍ଷତା ବିକାଶ ତଥା ନିୟୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ, ବାରିପଦା ଏଡିଏମ୍ ବିଭୁତି ଭୂଷଣ ନାୟକ , ଜିଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳକ ଅଜୟ କୁମାର ମହାନ୍ତ ଯୋଗ ଦେଇଥିଲେ।

